## ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ

ଦେବଗଡ଼,(ଡ଼ି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ଶାସନ ସାହିଠାରେ ଗୋକର୍ଣ୍ଣେଶ୍ୱର ଆସୋସିଏଶନ ତରଫରୁ ନବ ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ 'ଉନ୍ନତି' ବୁଧବାର ଲୋକାର୍ପିତ ହୋଇଛି। ଆସୋସିଏଶନ ସଭାପତି ସୁଶାନ୍ତ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ପୌର ନିର୍ବାହୀ ଅଧିକାରିଣୀ ଆତସୀ ପରିଡ଼ା ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ଧନେଶ୍ୱର ଦ୍ୱିବେଦୀ, ବିପିନ ବିହାରୀ ନନ୍ଦ, ଲଳିତା ସୁନ୍ଦରୀ ଦେବୀ, ବିଷ୍ଣୁପ୍ରିୟା ଦେବୀ, ସଂଘ ସମ୍ପାଦକ ବିରେନ୍ଦ୍ର କୁମାର ଦ୍ୱିବେଦୀ, ସହ ସମ୍ପାଦକ ମଦନ ମୋହନ ଦାଶ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ଦାଶ ଏବଂ ପୌରପାଳିକା କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ଦେଓ ପ୍ରମୁଖ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ଟ୍ରକ୍ ଧକ୍କାରେ କାକା ଓ ଝିଆରୀ ମୃତ

ବେଦବ୍ୟାସ,୨୪।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ବ୍ରିଜ ଉପରେ ବୁଧବାର ଏକ ଟ୍ରକ ଧକ୍କାରେ କାକା ଓ ଝିଆରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମହେଶ୍ୱର ସିଂ (୩୫) ଓ ସୁଭଦ୍ରା ସିଂ (୧୭) । ଉଭୟଙ୍କ ଘର କଲୁଙ୍ଗା ଫାଣ୍ଡି ଅଧୀନ ଖଇରବନ୍ଧ ଗ୍ରାମରେ । ପ୍ରକାଶ ଯେ, ସକାଳ ସାଢ଼େ ୯ଟା ବେଳେ ମହେଶ୍ୱର ଏକ ବାଇକ୍ (ନଂ ଓଡି ୧୪ଭି-୪୮୩୯) ଯୋଗେ ଝିଆରୀ ସୁଭଦ୍ରାଙ୍କୁ ରାଉରକେଲା ଗାନ୍ଧୀ କଲେଜରେ ଛାଡିବା ପାଇଁ ଖଇରବନ୍ଧ ଗ୍ରାମରୁ ଯାଉଥିଲେ। ଏହି ସମୟରେ ବେଦବ୍ୟାସ ପାର୍ଶ୍ୱରୁ ରାଉରକେଲା ଆଡକୁ ଯାଉଥିବା ଏକ ଟ୍ରକ (ନଂ. ଓଆର ୧୪ ଏସ- ୫୨୪୧) ପଛ ପଟୁ ଧକ୍କା ଦେବା ଫଳରେ କାକା ଓ ଝିଆରୀ ବାଇକ୍‌ରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁହିଁଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡି ଜବତ କରିଛି। ଟ୍ରକ ଚାଳକ ଫେରାର ଅଛନ୍ତି । ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା(ନଂ. ୪୪/୨୧)ରୁଜୁ ହୋଇଛି ।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଆଁରମୁଣ୍ଡା,୨୪।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ଅନ୍ତର୍ଗତ ଝୁନମୁର ପଞ୍ଚାୟତର ବହୁରାକୋନା କାଜୁ ଜଙ୍ଗଲରୁ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ମୃତ ଯୁବକ ଜଣକ ହେଲେ ଝୁନମୁର ପଞ୍ଚାୟତ ପରନାମପୁର ଗ୍ରାମର ସୁମାନ କେର୍କେଟା (୩୨) । ମୃତ ଯୁବକଙ୍କ ବାପା ମାରିଆନୁସ୍‌ଙ୍କ କହିବାନୁଯାୟୀ,ଗତ ୪ ଦିନ ତଳେ ସୁମାନ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା । ବୁଧବାର ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା କେତେଜଣ ବ୍ୟକ୍ତି ଏକ ଆମ୍ବ ଗଛରେ ଜଣେ ଯୁବକଙ୍କ ମୃତଦେହ ଝୁଲୁ ଥିବା ଦେଖି ଖବର ଦେଇଥିଲେ । ସୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ତାଙ୍କର ମାନସିକ ଅବସ୍ଥା ଠିକ୍ ନ ଥିଲା ବୋଲି ବାପା ମାରିଆନୁସ୍ ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତେବେ ସେ ଆତ୍ମହତ୍ୟା କରିଛନ୍ତି କି ତାଙ୍କୁ ହତ୍ୟା କରାଯାଇ ଟଙ୍ଗାଇ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ ।

## ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

### ବକେୟା ଦରମା ପ୍ରଦାନ ଦାବି

ସୁନ୍ଦରଗଡ ,୨୪।୨ (ଡି.ଏନ୍.ଏ.): ବକେୟା ଦରମା ପ୍ରଦାନ ଦାବିରେ ସୁନ୍ଦରଗଡ ଜିଲାର ୧୭ଟି ବ୍ଲକରେ ସାମୟିକ ପ୍ରଶିକ୍ଷକ ( କଳା ଓ କ୍ରୀଡା) ଭାବେ କାର୍ଯ୍ୟରତ ଶତାଧିକ ଶିକ୍ଷୟିତ୍ରୀ ,ଶିକ୍ଷକ ବୁଧବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସଂଘର ସଭାପତି ରଞ୍ଜନ କୁମାର ମହାପାତ୍ର ,ସଂପାଦକ ହେମେନ୍ଦ୍ର ପ୍ରତାପ ପାଉଲେଙ୍କ ନେତୃତ୍ୱରେ ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଶିକ୍ଷୟିତ୍ରୀ ଏକ ଶୋଭାଯାତ୍ରାରେ ଆସି ଧାରଣାରେ ସାମିଲ ହୋଇଥିଲେ । ଧାରଣା ସ୍ଥଳରେ ଅନୁଷ୍ଠିତ ସଭାରେ ଯୁବନେତା ଡା. ହିମାଂଶୁ ଶେଖର ଷଡଙ୍ଗୀ ଓ ସଂଗଠନର ନେତୃବୃନ୍ଦ ଉଦବୋଧନ ଦେଇ ୧୧ମାସର ବକେୟା ଦରମା ଓ ଅନ୍ୟାନ୍ୟ ଦାବି ପୂରଣ ଦିଗରେ ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ । ଏ ନେଇ ପୂର୍ବରୁ ଜିଲାପାଳ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ତେବେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କ ସହ ଆଲୋଚନା ପରେ ଆସନ୍ତା ୩ ତାରିଖରେ ବକେୟା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।



ବୁଧବାର ଚାଷୀମାନେ ଦେବଗଡ଼ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ୍ ଘେରାଉ କରିଛନ୍ତି ।

# ସିଏସ୍‌ଓ ଅଫିସ୍ ଘେରିଲେ ଚାଷୀ

### ଧାନ ବିକ୍ରି ସମସ୍ୟାର ସମାଧାନ ଦାବି

ଦେବଗଡ଼,୨୪।୨(ଡ଼ି.ଏନ୍.ଏ.) ଟାର୍ଗେଟ ସରିଯାଇଥିବାରୁ ଦେବଗଡ ଜିଲାରେ ଧାନକ୍ରୟ ବାଧାପ୍ରାପ୍ତ ହୋଇଛି। ଫଳରେ ଚାଷୀମାନେ ସେମାନଙ୍କ ଧାନ ବିକ୍ରି କରି ନ ପାରି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରିକି ଟୋକନ ଅବଧି ଶେଷ ହୋଇଯାଉଥିବାରୁ ଧାନବିକ୍ରି ନେଇ ସେମାନେ ଚିନ୍ତିତ ହୋଇପଡିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି କ୍ରମରେ ବୁଧବାର ପୂର୍ବାହ୍ନରେ ଧାନ ବିକ୍ରି ସମସ୍ୟାର ସମାଧାନ ଦାବିରେ ଦେବଗଡ ଜିଲାର ରିଆମାଳ, ବାରକୋଟ ଓ ତିଲେଇବଣି ବ୍ଲକର ଚାଷୀ ଓ ଚାଷୀ ନେତାମାନେ ଦେବଗଡ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲା କୃଷକ ସଂଘ ସମ୍ପାଦକ ଯଯାତି କିଶୋର ବିଶ୍ୱାଳ, ବାରକୋଟ ବ୍ଲକ କୃଷକ ସଂଘ ସଭାପତି ବିନୋଦ ନାୟକ, ରିଆମାଳ ବ୍ଲକ କୃଷକ ସଂଘ ଉପ ସଭାପତି ଭୁବନେଶ୍ୱର ସାମଲ, ବରିଷ୍ଠ କୃଷକ ନେତା ପବିତ୍ର ପ୍ରଧାନ ଓ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କ ସମେତ ଶତାଧିକ ଚାଷୀ ଘେରାଉରେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ରିଆମାଳ ବ୍ଲକର ତାରଙ୍ଗ ଓ ନୂଆଡିହି ସମେତ ବିଭିନ୍ନ ଧାନମଣ୍ଡି, ବାରକୋଟ ବ୍ଲକର କଣ୍ଟାପାଲି, ତିଲେଇବଣି ବ୍ଲକର ସୁଗୁଡା, ଗାଙ୍ଗନଣ ଓ ଦୁଧିଆନାଳି ଆଦି ଧାନମଣ୍ଡିରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀଙ୍କ ସହ ଆଲୋଚନା କରିଥିଲେ। ଜିଲାରେ ଦେଖାଦେଇଥିବା ଧାନ ବିକ୍ରି ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରମିକ ସୁରକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ନିରାପତ୍ତାକୁ ଗୁରୁତ୍ୱ

ରାଉରକେଲା,୨୪।୨




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ଇଣ୍ଡୋ–ଜର୍ମାନ ଲୋକାଲ ପଏଣ୍ଟ ଏବଂ ସୁନ୍ଦରଗଡ ଜିଲାପାଳଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବ୍ରାହ୍ମଣୀ କ୍ଲବ ପରିସରରେ 'ଶିଳ୍ପରେ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ନିରାପତ୍ତା ଗୁରୁତ୍ୱ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ମୁଖ୍ୟଅତିଥି ଭାବେ ଯୋଗଦାନ କରି କାରଖାନା, ଘରୋଇ ଉଦ୍ୟୋଗ, ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ୍ ବୋଲି କହିଥିଲେ। ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କହିଥିଲେ, ସୁନ୍ଦରଗଡ ଏକ ଶିଳ୍ପ ପ୍ରଧାନ ଜିଲା। ଏଠାରେ ଅନେକ ଛୋଟବଡ କଳକାରଖାନା ଗଢିଉଠିଛି। କଳକାରଖାନା ଗୁଡିକ ସମ୍ମିଳିତ ପ୍ରୟାସ କରି ଶ୍ରମିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ନିରାପତ୍ତା ଦିଗରେ ତତ୍ପରତା ପ୍ରକାଶ କରିବାକୁ ନାଏକ ଆହ୍ୱାନ ଦେଇଥିଲେ । ଜିଲା ଶ୍ରମ ଆୟୁକ୍ତ ପ୍ରଣବ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କର୍ମଶାଳାରେ ପିଏଲ କମିଶନର ଦାଶରଥି ନାୟକ ଓ ଓଡିଶା ଗୁଇନ୍ଦା ବିଭାଗ ନିର୍ଦ୍ଦେଶକ (ସ୍ୱାସ୍ଥ୍ୟ) ଡ. ରାମଚନ୍ଦ୍ର ରାଉତ ପ୍ରମୁଖ କୋଭିଡ୍ କଟକଣାକୁ ଜନସାଧାରଣ ପାଳନ କରିବାକୁ ପରାମର୍ଶ ଦେବା ସହ ସମ୍ଭାବ୍ୟ କୋଭିଡ୍ ସଂକ୍ରମଣ ପ୍ରତି ସଚେତନ ହୋଇ ରହିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। କର୍ମଶାଳା ପ୍ରାରମ୍ଭରେ ଇଏସ୍‌ଆଇସି ପୂର୍ବତନ ବୀମା ଆୟୁକ୍ତ ତଥା ଇଣ୍ଡୋ–ଜର୍ମାନ ଲୋକାଲ ପଏଣ୍ଟ ମୁଖ୍ୟ ବି. କେ. ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଇଏସ୍‌ଆଇ ମଡେଲ ହସ୍‌ପିଟାଲର ଡାକ୍ତର ଅର୍ଚ୍ଚନା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁରକ୍ଷା, ସ୍ୱାସ୍ଥ୍ୟ ଓ ମାନବାଧିକାର ଶୀର୍ଷକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ ।

## ବୃତ୍ତି ପରୀକ୍ଷାରେ କୃତିତ୍ୱ

ସୁନ୍ଦରଗଡ , ୨୪।୨ (ଡି.ଏନ୍ .ଏ.) ସବଡେଗା ବ୍ଲକର ଚଳିତବର୍ଷର ତୃତୀୟ ଓ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି । ଏହି ବ୍ଲକର ବାଗବନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ର ନେତ୍ରମଣି କୁଅଁର ୪ର୍ଥ ଓ ଉଦୟ ସା ୧୦ମସ୍ଥାନ ଅଧିକାର କରିଥିବା ବେଳେ ୫ମ ଶ୍ରେଣୀର ମାନସୀ ନାଏକ ୨ୟ ଓ ପମି ମାଝି ୭ମ ସ୍ଥାନ ହାସଲ କରି ଉତ୍ତୀର୍ଣ୍ଣ ହୋଇଛନ୍ତି । ସମସ୍ତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ବ୍ଲକ ଶିକ୍ଷା ଅଧିକାରୀ ଅଜୟ ଏକ୍କା ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅରୁଣା ପଟେଲ ଓ ସହକାରୀ ଶିକ୍ଷୟିତ୍ରୀ ତୁଲେଶ୍ୱରୀ ଚୌଧୁରୀ କୃତି ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

## ପରିବେଶ ସୁରକ୍ଷା ସପ୍ତାହ ପାଳିତ

ଟେନସା,୨୪।୨(ଡି.ଏନ.ଏ.) ସୁନ୍ଦରଗଡ ଜିଲା ଟେନ୍‌ସାରେ ଥିବା ଟି.ଆର.ବି ଲୌହଖଣି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲି. ପକ୍ଷରୁ ୨୩ ତମ ପରିବେଶ ସୁରକ୍ଷା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିନ୍ଦଲ ଖଣିର ୟୁନିଟ ହେଡ ପ୍ରମୋଦ କୁମାର ପାତ୍ର ଅଧକ୍ଷତା କରିଥିଲେ। ଆଇ.ବି.ଏମ ଭୁବନେଶ୍ୱର ରିଜନ ପକ୍ଷରୁ କୋଇଡା, ଯୋଡ଼ା ମାଇନିଂ ସେକ୍ଟରର ବିଭିନ୍ନ ଖଣିରୁ ବରିଷ୍ଠ ଖଣି ଅଧିକାରୀମାନେ ଯୋଗ ଦେଇଥିଲେ। ସେମାନେ ପ୍ରଥମେ ଜିନ୍ଦଲ ଖଣି ପରିଦର୍ଶନ କରବା ପରେ ଜିନ୍ଦଲ ପକ୍ଷରୁ ପରିବେଶ ଉପରେ ନିର୍ମାଣ କରାଯାଇଥିବା ବିଭିନ୍ନ ମଡେଲ, ପୋଷ୍ଟର ଆଦି ବୁଲି ଦେଖିଥିଲେ। ଏହି ଅବସରରେ କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜିନ୍ଦଲ ଖଣିର ମ୍ୟାନେଜର ଭୀଷ୍ମଦେବ ସାହୁ, ପ୍ରଶାସନ ବିଭାଗର ସୁଦାମ ମହାକୁଡ଼, ପରିବେଶ ବିଭାଗର ଆର,କେ ଚର୍ତୁବେଦୀ, ଜୟଦୀପ ମାଉଲିକ, ଏସ.ଏସ ବିଶ୍ୱାଳ, ତରୁଣ ଜେଠୁଆ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

## ଭାଇଭଉଣୀ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ ସମାରୋହ

ରିଆମାଳ,୨୪।୨(ଡ଼ି.ଏନ୍.ଏ.) ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ପଞ୍ଚାୟତ ଅନ୍ତର୍ଗତ କାଉଁଶୀପାଳ ତାରିଣୀ ପୀଠରେ ଭାଇଭଉଣୀ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ସାରସ୍ୱତ ସମାରୋହ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଧରଣୀଧର ପ୍ରଧାନଙ୍କ ଅଧକ୍ଷତାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ବଲପୁର ଯୁକ୍ତ ଦୁଇ ପରିଷଦର ଉପସଚିବ ଡ଼ ଉତ୍ତମ କୁମାର ପ୍ରଧାନ, ଅବସରପ୍ରାପ୍ତ କମାଣ୍ଡାଣ୍ଟ ପୁରୁଷୋତ୍ତମ ସାହୁ, ଅବସରପ୍ରାପ୍ତ ଆଇଏସ୍ ବାଳକୃଷ୍ଣ ବେହେରା ସମ୍ମାନିତ ଅତିଥି, ଅବସରପ୍ରାପ୍ତ ପ୍ରଧାପକ ଡ଼ ପ୍ରମୋଦ କୁମାର ମେହେରା ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ରକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ନାଟ୍ୟକାର ଧରଣୀଧର ପ୍ରଧାନଙ୍କ ରଚିତ ପୁସ୍ତକ 'ଯଦୁବଂଶ ସ୍ମୃତିକ୍ଷେତ୍ର', ଗଳ୍ପ 'ଶିବ କଥା' ଓ 'ସତସତିକା ଗପର ପେଡ଼ି'କୁ ଅତିଥିଗଣ ଲୋକାର୍ପିତ କରିଥିଲେ। ୫୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ ଏବଂ ୧୫ ଜଣ ବିଶିଷ୍ଟ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ୩୦ ଜଣ ସଂକୀର୍ତ୍ତନ କଳାକାରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

## ରେଳୱେ ଡିଭିଜନାଲ କମିଟି ବୈଠକ



ବୈଠକରେ ଉପସ୍ଥିତ ଏମ୍‌ପି ଏବଂ ବିଭାଗୀୟ ପଦାଧିକାରୀମାନେ ।

ରାଉରକେଲା ଅଫିସ୍, ୨୪।୨ ଦକ୍ଷିଣ ପୂର୍ବ ରେଲୱେ ଚକ୍ରଧରପୁର ଓ ରାଞ୍ଚି ଡିଭିଜନ ଅଧୀନ ଉଭୟ ଲୋକସଭା ଏବଂ ରାଜ୍ୟସଭା ଏମ୍‌ପିମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ବୁଧବାର ପୂର୍ବାହ୍ନରେ ରାଉରକେଲାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଅଧକ୍ଷତା କରିଥିଲେ। ଏମ୍‌ପି ବି. ବି ମାହାତୋ, ଗୀତା କୋରା, ବିଶ୍ୱେଶ୍ୱର ଟୁଡୁ, ମମତା ମହନ୍ତ, ନିତେଶ ଗଙ୍ଗଦେବ, ସୁରେଶ ପୂଜାରୀ, ସଞ୍ଜୟ ସେଠ୍, ମହେଶ ପୋଦ୍ଦାର ପ୍ରମୁଖ ଉପସ୍ଥିତ ରହି ଲକ୍ ଡାଉନ ଏବଂ ଲକ୍ ଡାଉନ ପରେ ରେଲୱେ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେହିପରି ରେଳ ପ୍ରକଳ୍ପ, ଯାତ୍ରୀ ସୁରକ୍ଷା ଉପରେ ଏମ୍‌ପିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ଦକ୍ଷିଣ ପୂର୍ବ ରେଲୱେର ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ଚକ୍ରଧରପୁର ଓ ରାଞ୍ଚି ଡିଭିଜନର ରେଲୱେ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଲୱେ ଅଧୀନ ବିଭିନ୍ନ ବିଭାଗର ମୁଖ୍ୟ ଯୋଗ ଦେଇଥିଲେ।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ,୨୪।୨



ଗିରଫ ଅଭିଯୁକ୍ତ।

ରାଉରକେଲା କଚେରି ରୋଡ୍ ପେଟ୍ରୋଲ ପମ୍ପ ଅଟୋ ଫିଡ୍ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଉଦିତନଗର ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ଲାଣ୍ଟସାଇଟ ଥାନା ଚନ୍ଦ୍ରଲୋକଗଳି ବାସିନ୍ଦା ଅମାନତ ଆନସାରୀ(୧୯)। ତାଙ୍କଠାରୁ ଗୋଟିଏ ଛୁରି, ସ୍କୁଟି (ନଂ. ଓଡି–୧୪–ଏଫ୦୦୫୯), ଖେଳନା ବନ୍ଧୁକ ଓ ୨ଟି ମୋବାଇଲ ଜବତ କରାଯାଇଛି।

ମଙ୍ଗଳବାର ସନ୍ଧ୍ୟା ସାଢେ ୬ଟାରେ ଅମାନତ ତାଙ୍କର ଦୁଇ ସାଥୀଙ୍କ ସହ ଉକ୍ତ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଇଥିଲେ। ତେଲ ପକାଇବା ପରେ କର୍ମଚାରୀ ସତୀଶ ରଜକ ତାଙ୍କୁ ଟଙ୍କା ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବା ସହ ସମ୍ପୃକ୍ତ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏହାସହ ଏକ ଛୁରିରେ ରଜକଙ୍କ ମୁଣ୍ଡକୁ ଆଘାତ ଦେଇ ପଳାଇଥିଲେ। ଏ ନେଇ ଉଦିତନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଦାବିପତ୍ର ପ୍ରଦାନ ସମୟରେ ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ।

### ଜିଲା ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତାଙ୍କୁ ନିୟମିତ କରିବା ଦାବି

ସୁନ୍ଦରଗଡ,୨୪।୨(ଡି.ଏନ୍.ଏ.) ଚାକିରୀ ନିୟମିତ କରିବା ଦାବି ନେଇ ସୁନ୍ଦରଗଡ ଜିଲା ଶିଶୁ ସୁରକ୍ଷା ୟୁନିଟରେ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ବୁଧବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିସହିତ ଉକ୍ତ ଦାବିପତ୍ରରେ ଦରମା ବୃଦ୍ଧି ,ସ୍ୱାସ୍ଥ୍ୟ ସେବା ଆଦି ଯୋଗାଇ ଦେବାକୁ ଉଲ୍ଲେଖ ରହିଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ଜିଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ଓ କର୍ମଚାରୀମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ୨୦୧୩ରୁ ଶିଶୁ ସୁରକ୍ଷା ୟୁନିଟ୍ ଶିଶୁମାନଙ୍କ ଯତ୍ନ ,ସୁରକ୍ଷା, ଥଇଥାନ ତଥା ଅବହେଳିତ ଶିଶୁଙ୍କର ବିକାଶରେ କାର୍ଯ୍ୟ କରି ଆସୁଛି । ଏହି ଦାୟିତ୍ୱ ସଂପାଦନ ଲାଗି ପ୍ରତି ଜିଲାରେ କର୍ମକର୍ତ୍ତାଙ୍କୁ ନିୟୋଜିତ କରାଯାଇଛି। ହେଲେ ମଣିପୁର, କେରଳ, ବିହାର, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଭଳି ଅନ୍ୟ ରାଜ୍ୟ ତୁଳନାରେ ଓଡିଶାରେ ଏହି ୟୁନିଟ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ କମ ଦରମା ପ୍ରଦାନ କରାଯାଉଛି ।

## ସମିତି ସଭ୍ୟ ପଦ ପାଇଁ ଉପନିର୍ବାଚନ

ରାଜଗାଙ୍ଗପୁର,୨୪।୨ (ଡି.ଏନ.ଏ.) ବୁଧବାର ରାଜଗାଙ୍ଗପୁର ବ୍ଲକର ୨ଟି ସମିତି ସଭ୍ୟ ପଦ ପାଇଁ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। କୁକୁଡାମୁଣ୍ଡା ସମିତି ସଭ୍ୟ ପଦ ପାଇଁ ମୋଟ ୧୪୭୭ ଜଣ ମତଦାନ କରିଥିଲେ। ଏଠାରେ ଭୋଟଦାନ ହାର ୫୭.୬୧ ପ୍ରତିଶତ ଥିବା ବେଳେ ପୁରୁଷ ଭୋଟର ଅଧିକ ଥିଲେ । ସେହିପରି ବୁଢୁକୁପଡା ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ୨୫୯୫ ଜଣ ମତଦାନ କରିଥିଲେ। ଏଠାରେ ଭୋଟହାର ୬୮.୯୬ ପ୍ରତିଶତ ଥିବା ବେଳେ ଏହି ପଞ୍ଚାୟତରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ଥିଲା। ଗୁରୁବାର ସକାଳ ୮ଟା ସମୟରୁ ଗଣତି କାର୍ଯ୍ୟ ଆରମ୍ଭ ହେବ । ଏହି ୨ଟି ପଦ ପାଇଁ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ଦଳ ପ୍ରାର୍ଥୀ ଜିତିବେ ବୋଲି ଆଶାବାଦୀ ଅଛନ୍ତି ।




ଭୋଟଗ୍ରହଣ କେନ୍ଦ୍ର ।

## ବନ୍ଧମୁଣ୍ଡା ମାର୍ସାଲିଙ୍ଗ ୟାର୍ଡ ବିସ୍ଥାପିତଙ୍କ ବିକ୍ଷୋଭ

ରାଉରକେଲା ଅଫିସ,୨୪।୨




ବିସ୍ଥାପିତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ରାଉରକେଲାର ଏକ ହୋଟେଲରେ ବୁଧବାର ରେଲୱେର ଉଚ୍ଚସ୍ତରୀୟ ବୈଠକ ଚାଲିଥିବା ବେଳେ ବନ୍ଧମୁଣ୍ଡା ମାର୍ସାଲିଙ୍ଗ ୟାର୍ଡର ବିସ୍ଥାପିତମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ସେମାନେ ଏମ୍‌ପି ଜୁଏଲ ଓରାମଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ସଂଘ ପକ୍ଷରୁ କୁହାଯାଇଛି, ରେଲୱେ ପ୍ରକଳ୍ପ ପାଇଁ ବିଭିନ୍ନ ପର୍ଯ୍ୟାୟରେ ୧୪୧୮. ୭୩୫ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ କେବଳ ୪୧୩ ଏକର ଜମି କାମରେ ଲଗାଯାଇଛି। ବଳକା ଜମି ଏବେ ଜବରଦଖଲରେ ରହିଛି। ୧୯୫୬ ମସିହାରୁ ଦକ୍ଷିଣ ପୂର୍ବ ରେଲୱେ ଅଧିଗ୍ରହଣ କରିଥିବା ଜମିର ହିସାବ ମିଳୁନି। ଏମିତି ଅବସ୍ଥାରେ କୁକୁଡା, କପାଟମୁଣ୍ଡା, ସନ୍ତୋଷପୁର, ବନ୍ଧମୁଣ୍ଡା ଓ ଡୁମେରମୁଣ୍ଡା ଭଳି କେତେକ ଗାଁ ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ରେଳବାଇର ୫୦୦ ଏକର ଜମି ଏବେ ଜବରଦଖଲ ହୋସାରିଲାଣି। ଗତ ୧୯୭୩ରେ ରେଲୱେ ୬୫୧ ଏକର ଜମି ଫେରାଇ ଦେବାକୁ କହିଥିଲା। ଯାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ। ବାସଚ୍ୟୁତ ବାରମ୍ବାର ପ୍ରତାରଣାର ଶିକାର ହୋଇ ଆସୁଛନ୍ତି। ଥଇଥାନ ନାହିଁ କି ନିଯୁକ୍ତି ନାହିଁ। ସଂପ୍ରତି ଶତାଧିକ ବାସଚ୍ୟୁତ ପରିବାର ମଧ୍ୟରୁ ଅନେକ ଚାକିରି ଆଶାୟୀ ନିରାଶ ହେଲେଣି। କେନ୍ଦ୍ରୀୟ ଜନଜାତି କମିଶନଙ୍କ ନିର୍ଦ୍ଦେଶକୁ ରେଲୱେ ପାଳନ କରୁନି। ଅନୁକମ୍ପା ନିଯୁକ୍ତି ସହ ବଳକା ଜମି ଫେରାଇ ଦେବାକୁ ବିସ୍ଥାପିତମାନେ ଦାବି କରିଛନ୍ତି।

## ଇବ୍ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭାଟି ଗ୍ରାମର ଜଣେ ଯୁବକ ବୁଧବାର ଇବ୍ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ମୋହନ ଗୋଖରା (୨୬)। ମୋହନ ଭୋର ୫ଟା ସମୟରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ସେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପରିବାର ସଦସ୍ୟ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଖବର ଦେଇଥିଲେ। ପୋଲିସ ସହାୟତାରେ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ସଂକ୍ଷେପରେ

## ପୌଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ

ସମ୍ବଲପୁର, ୨୪।୨ (ବ୍ୟୁରୋ): ସମ୍ବଲପୁର ବୁଢ଼ାରଜା ସରକାରୀ ହାଇସ୍କୁଲ ସଭାକକ୍ଷରେ ବୁଧବାର ପୌଷ୍ୟ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯଶୋବନ୍ତ ସାହୁ ସ୍ୱାଗତ ଭାଷଣ ଓ ପୁଷ୍ପାଞ୍ଜଳି ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଙ୍ଗଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୌଷ୍ୟ ସ୍କୁଲ ବିଷୟରେ ଆଲୋକପାତ କରିଥିଲେ। ବୁଢ଼ାରଜା ସରକାରୀ ହାଇସ୍କୁଲକୁ ପୌଷ୍ୟ ଭାବେ ଗ୍ରହଣ କରିଥିବା ଶୈଳେଶ ଦାନି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସ୍କୁଲର ଭିତ୍ତିଭୂମି ବିକାଶ, ପାଠାଗାର, ସହାୟକ ନିଯୁକ୍ତି, ଖେଳପଡିଆ ଉନ୍ନତି ଆଦି କାର୍ଯ୍ୟକ୍ରମ ହାତକୁ ନେବେ। ସେହିପରି ମେଧାବୃତ୍ତି ପ୍ରଦାନ ସକାଶେ ୧ ଲକ୍ଷ ଟଙ୍କାର ସ୍ଥାୟୀ ଜମା କରିବେ ବୋଲି ଶୈଳେଶ ସଭାରେ ଘୋଷଣା କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ନେହା ସିଂ ସ୍କୁଲ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ। ପୁରାତନ ଛାତ୍ରସଂସଦ ସଭାପତି ସୁଧାଂଶୁଶେଖର ଦୋରା ସୂଚନା ପ୍ରଦାନ ଓ ଶିକ୍ଷୟିତ୍ରୀ ଦୀପାଲି ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୨୪।୨ (ବ୍ୟୁରୋ): ୩ଦିନ ଧରି ଚାଲିଥିବା କ୍ଲଷ୍ଟରସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିର ବୁଧବାର ସରକାରୀ ମହିଳା କଲେଜ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ କଲେଜର ଛାତ୍ରୀମାନେ ଯୋଗଦେଇଥିଲେ। ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ରବୀନ୍ଦ୍ର କୁମାର ପଟେଲ ମୁଖ୍ୟଅତିଥି, ଜିଲାସ୍ତରୀୟ ରେଡକ୍ରସ ସଂଯୋଜକ ଡ. ସତ୍ୟନାରାୟଣ ଠାକୁର ସମ୍ମାନିତ ଅତିଥି ଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଜୟନ୍ତ କର ଶର୍ମା, ରାଜଶ୍ରୀ ବରାଳ, କଲେଜ ରେଡକ୍ରସ ସମିତି ଆବାହକ ପ୍ରଫେସର ପବିତ୍ର ମୋହନ ବେହେରା ଶିବିର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୀରାକୁଦ କଲେଜ ରେଡକ୍ରସ କାଉନସିଲର ସୀମାନ୍ତିକା ଦାଶ ଧନ୍ୟବାଦ ଦେଇଥିଲେ।

## ବୁର୍ଲାରେ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

ସମ୍ବଲପୁର,୨୪।୨(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହାଇଯାଇଛି। ବୁର୍ଲାସ୍ଥିତ ପର୍ଯ୍ୟଟନ ସ୍ଥଳ ଜିରୋ ପଏଣ୍ଟରେ ସଫେଇ କାର୍ଯ୍ୟକ୍ରମ ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏହାର ନେତୃତ୍ୱ ନେଇଥିବା ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି କହିଥିଲେ, ସହର ଭିତରେ ଥିବା ପର୍ଯ୍ୟଟନ ସ୍ଥଳ ଓ ସର୍ବସାଧାରଣ ସ୍ଥାନରେ ମଇଳା ଆବର୍ଜନା ପଡିରହୁଛି। ସେଥିପାଇଁ କ୍ଲିନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଗକୁ ଅନ୍ୟ ସ୍ଥାନରେ ଏହି କାର୍ଯ୍ୟକ୍ରମ କରାଯିବ। ରାଜ୍ୟ ସରକାର ସ୍ୱଚ୍ଛ ସହର ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏଥିରେ ସମ୍ବଲପୁର ମହାନଗର ନିଗମ ଭାଗ ନେବ। ତେଣୁ ସହରକୁ ସ୍ୱଚ୍ଛ ସୁନ୍ଦର କରାଯିବାକୁ ଚେଷ୍ଟା କରାଯାଉଛି।

# ସୁଆଦିଆ ଖାଦ୍ୟ ପରଷୁଛନ୍ତି ସନ୍ତୋଷିନୀ

ସମ୍ବଲପୁର, ୨୪।୨ (ବ୍ୟୁରୋ)


ବ୍ୟଞ୍ଜନ ପ୍ରସ୍ତୁତିରେ ସନ୍ତୋଷିନୀ ମିଶ୍ର ।

- ୭୩ ବର୍ଷରେ ବି ହାରିନାହାନ୍ତି
- ୩୦ ଜଣଙ୍କୁ ଦେଉଛନ୍ତି ରୋଜଗାର

ଅନେକ ସମୟରେ ୫୦ରୁ ଊର୍ଦ୍ଧ୍ୱ ବୟସ ହୋଇଗଲେ ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗ ଆରମ୍ଭ ହୋଇଥାଏ। ଏହି ସମୟରେ ନିଜ କାମ କରିବାକୁ ଶରୀର ଅକ୍ଷମତା ପ୍ରକାଶ କରିଥାଏ। ପରିବାର କିମ୍ବା ଅନ୍ୟ ଉପରେ ନିର୍ଭର କରି ଚଳିବାକୁ ପଡେ। ହେଲେ ସମ୍ବଲପୁର ଜିଲାରେ ୭୩ ବର୍ଷର ମହିଳା ସନ୍ତୋଷିନୀ ମିଶ୍ରଙ୍କୁ ବାର୍ଦ୍ଧକ୍ୟ ହରାଇ ପାରିନାହିଁ। ନିଜର ସ୍ୱାଭିମାନ ପାଇଁ ସେ ଆଜି ସ୍ୱାବଲମ୍ବୀ ହୋଇପାରିଛନ୍ତି। ରୋଷେୟା କାମ କରି ବେଶ ଦୁଇପଇସା ରୋଜଗାର କରୁଛନ୍ତି।

ସମ୍ବଲପୁର ସହର ଝାଡୁଆପଡ଼ାର ସନ୍ତୋଷିନୀ ନାନି ଭାବେ ସେ ଜଣାଶୁଣା। ବିବାହ, ବ୍ରତ, ଗଙ୍ଗାଭୋଜି ଭଳି ସାମାଜିକ, ମାଙ୍ଗଳିକ କାର୍ଯ୍ୟରେ ସୁଆଦିଆ ଖାଦ୍ୟ ପରସୁଛନ୍ତି ସନ୍ତୋଷିନୀ। ଲୋକମାନଙ୍କ ରୁଚି ଅନୁସାରେ ସେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି। ୫୦ବର୍ଷ ହେଲା ସେ ଏହି କାମରେ ନିୟୋଜିତ ଅଛନ୍ତି। ୫ହଜାର ଲୋକଙ୍କ ପାଇଁ ସେ ଖାଦ୍ୟ ପ୍ରସ୍ତୁତ କରିପାରନ୍ତି। ତାଙ୍କ ରୋଷେୟା ଟିମ୍‌ରେ ୩୦ଜଣ ମହିଳା ଓ ପୁରୁଷ ରହିଛନ୍ତି। ସେମାନେ ପରିବା କାଟିବା ଓ ଖାଦ୍ୟ ସାମଗ୍ରୀ ବାଢ଼ିବାରେ ସହଯୋଗ କରନ୍ତି। ସେମାନଙ୍କୁ ମଧ୍ୟ ରୋଜଗାର ଦେଇପାରୁଛନ୍ତି ଏହି ବୃଦ୍ଧ ମହିଳା। ଜଣେ ମହିଳା ସବୁ କ୍ଷେତ୍ରରେ କାମ କରି ରୋଜଗାର କରିପାରିବ, ତାହା କରାଇ ଦେଖାଇଛନ୍ତି। ରୋଷେୟା ପେଶାରେ ନିଜକୁ ସାମିଲ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ୮ବର୍ଷ ତଳେ ସ୍ୱାମୀ ଗୋପାଳ କୃଷ୍ଣ ମିଶ୍ରଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ହୃଦ୍‌ଘାତରେ ପୀଡିତ ଥିଲେ। ଏକ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇପୁଅକୁ ନେଇ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ତେଣୁ ସ୍ୱାମୀଙ୍କୁ ସହଯୋଗ କରିବା ପାଇଁ ପ୍ରଥମେ ବିଭିନ୍ନ କାର୍ଯ୍ୟକ୍ରମରେ ସେ କମ୍ ଲୋକଙ୍କ ପାଇଁ ଖାଦ୍ୟ ତିଆରି କରିବା ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ ସୁଆଦିଆ ଖାଦ୍ୟ ଚାରିଆଡେ ପ୍ରଚାରିତ ହେବା ପରେ ଲୋକେ ତାଙ୍କୁ ଡାକିଥିଲେ। ତାଙ୍କର ଦୁଇ ପୁଅ ଓ ୩ ନାତିନାତୁଣୀ ଅଛନ୍ତି। ପୁଅମାନେ ମଧ୍ୟ ରୋଜଗାର କରୁଛନ୍ତି। ହେଲେ କାହା ପାଖରେ ହାତ ପାତିବାକୁ ଭଲ ଲାଗେ ନାହିଁ। ସ୍ୱାମୀ ଥିବା ସମୟରେ ଏହି ପେଶାକୁ ସେ ଆପଣାଇଥିଲେ। ତେଣୁ ଶରୀର ଚାଲିଥିବା ପର୍ଯ୍ୟନ୍ତ ସେ ଏହି କାମରେ ନିୟୋଜିତ ରହିଥିବେ ବୋଲି କହିଛନ୍ତି।

## ଏସ୍ଏସ୍‌ବି ଯବାନଙ୍କ ଝୁଲନ୍ତା ମୃତଦେହ ଜବତ

ଲଖନପୁର,୨୪।୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ଥାନା ଅଧୀନ ବେହେରାମାଲ ଜାମବେର୍ଣ୍ଣା ଗ୍ରାମ ନିକଟ ଏକ ମହୁଲ ଗଛରୁ ବୁଧବାର ପୋଲିସ୍ ଜଣେ ଏସ୍ଏସ୍‌ବି (ସସସ୍ତ୍ର ସୀମା ବଳ) ଯବାନଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଦୀନେଶ ମୁଣ୍ଡା (୨୫)। ପିଉସା ଶତ୍ରୁଘନ ମୁଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଲଖନପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୧) ରୁଜୁକରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ରଜରାଜନଗର ଲମଟିବାହାଲ ଗ୍ରାମର ଦୀନେଶ ପିଉସୀ ଘର ଜାମବେର୍ଣ୍ଣା ଗ୍ରାମରେ ଦୀର୍ଘବର୍ଷ ହେଲା ରହିଆସୁଥିଲେ। ୪ବର୍ଷ ପୂର୍ବେ ସେ ଏସ୍ଏସ୍‌ବିରେ ଯବାନ ଭାବେ ନିଯୁକ୍ତି ପାଇ ଗୋରଖପୁରରେ ରହୁଥିଲେ। ଗତ ଡିସେମ୍ବର ୨୧ତାରିଖରେ ଭଉଣୀ ବାହାଘର ପାଇଁ ଗ୍ରାମକୁ ଆସିଥିଲେ। ଡିସେମ୍ବର ୨୮ରେ ଭଉଣୀଙ୍କ ବାହାଘର ପରେ ସେ ପିଉସୀଙ୍କ ଗ୍ରାମ ଜାମବେର୍ଣ୍ଣାକୁ ଚାଲିଆସିଥିଲେ। ଚାକିରିକୁ ନ ଯାଇ


ଦୀନେଶଙ୍କ ଫାଇଲ୍ ଫଟୋ।

ଗ୍ରାମରେ ସାଙ୍ଗସାଥିଙ୍କ ସହିତ ବୁଲାବୁଲି କରୁଥିଲେ। ଏଭଳି ସ୍ଥିତିରେ ଗତ ମଙ୍ଗଳବାର ସନ୍ଧ୍ୟା ସାଢେ ୫ଟାରେ ସେ ଘରୁ ବାହାରିଯାଇଥିଲେ ମଧ୍ୟ ଘରକୁ ଫେରି ନ ଥିଲେ। ପୂର୍ବରୁ ସେ କେତେଥର ସାଙ୍ଗଙ୍କ ଘରେ ରହିଯାଉଥିବାରୁ ପରିବାର ଲୋକେ ଖୋଜାଖୋଜି କରି ନ ଥିଲେ। ବୁଧବାର ସକାଳେ ପିଉସୀ ପୁଅ ଭାଇ ଗ୍ରାମ ନିକଟ ଧାନକ୍ଷେତକୁ ପାଣି ମଡାଇବା ପାଇଁ ଯାଇଥିବାବେଳେ ଗଛରେ ଦୀନେଶଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏ ନେଇ ପରିବାର ଲୋକେ ପୋଲିସରେ ଜଣାଇଥିଲେ।

# କ୍ଷତିପୂରଣ ଦେବାକୁ ରାଜିହେଲା କମ୍ପାନୀ

ସମ୍ବଲପୁର,୨୪।୨(ବ୍ୟୁରୋ)

ସମ୍ବଲପୁର ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ କମ୍ପାନୀରୁ ନିର୍ଗତ ଫ୍ଲୋରାଇଡ୍ ଗ୍ୟାସ୍ ଦ୍ୱାରା ଧାନ ଫସଲ ନଷ୍ଟ ଘଟଣାରେ କମ୍ପାନୀ କ୍ଷତିପୂରଣ ଦେବାକୁ ରାଜି ହୋଇଛି। ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଅଧିକାରୀ ସନ୍ତୋଷ ରାୟଙ୍କ ଅଧ୍ୟକ୍ଷତାରେ କମ୍ପାନୀ ଓ ପ୍ରଭାବିତ ଚାଷୀଙ୍କ ତ୍ରିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏକସପ୍ତାହ ଭିତରେ କମ୍ପାନୀ ଏକର ପିଛା ୧୩ ହଜାର ଟଙ୍କା ଦେବ। ସଦର ତହସିଲ କାର୍ଯ୍ୟାଳୟରେ ଟଙ୍କା ଜମା କରିବା ପରେ ଚାଷୀମାନଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି। ଏହାକୁ ଚାଷୀମାନେ ସ୍ୱାଗତ କରିଛନ୍ତି। ଏହି ସମସ୍ୟା ନେଇ ପ୍ରାୟ ଏକସପ୍ତାହ ହେଲା ଚାଷୀମାନେ ଆନ୍ଦୋଳନ କରୁଥିଲେ। ଫେବୃୟାରୀ ୨୪ ତାରିଖ ସୁଦ୍ଧା କ୍ଷତିପୂରଣ


ଜିଲା କୃଷି ଅଫିସରେ ଅନୁଷ୍ଠିତ ବୈଠକ ।

**ଫ୍ଲୋରାଇଡ୍ ଗ୍ୟାସ୍ ଦ୍ୱାରା ଫସଲ ନଷ୍ଟ ଘଟଣା**

ଦେବାକୁ ଚେତାବନୀ ଦେଇଥିଲେ। ଏପରି କି ହୀରାକୁଦ ଡ୍ୟାମ୍‌ରୁ କମ୍ପାନୀକୁ ଯାଉଥିବା ପାଣି ବନ୍ଦ କରିଦେବେ ବୋଲି ଧମକ ଦେଇଥିଲେ। ବୈଠକରେ ଚାଷୀମାନଙ୍କ ମଧ୍ୟରେ ଉପସଭାପତି ଉମେଶ ମିଶ୍ର, ଅଶ୍ୱିନୀ ପୃଷେଠ, ଏତୁଆ ଖଡିଆ, ଭୈରବ ପ୍ରଧାନ, ବିଶ୍ୱନାଥ ପ୍ରଧାନ, ସି ଶ୍ରୀନୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୨୦ ଅଗଷ୍ଟରୁ କମ୍ପାନୀ ପାର୍ଶ୍ୱରେ ଫ୍ଲୋରାଇଡ ଗ୍ୟାସ ନିର୍ଗତ ହୋଇ ଧାନ ଫସଲ ନଷ୍ଟ ହୋଇଥିଲା। କୃଷି ବିଶେଷଜ୍ଞ, ରାଜସ୍ୱ ବିଭାଗ, କମ୍ପାନୀ କର୍ତ୍ତୃପକ୍ଷ ଓ ଚାଷୀମାନଙ୍କୁ ନେଇ କ୍ଷୟକ୍ଷତି ଆକଳନ କରାଯାଇଥିଲା। ୧୦୪ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ହୋଇଥିଲେ ମଧ୍ୟ କ୍ଷତିପୂରଣ ମିଳି ନ ଥିଲା।

## ବାହାଘର ୬ଦିନ ପରେ ସ୍ୱାମୀଙ୍କ ଆତ୍ମହତ୍ୟା

ନାକଟିଦେଉଳ,୨୪।୨(ଡି.ଏନ.ଏ.)

ବାହାଘରର ୬ଦିନ ପରେ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏପରି ଏକ ଦୁଃଖଦ ଘଟଣା ଘଟିଛି ଏହି ଥାନା ଅନ୍ତର୍ଗତ ଜାମୁଯୋରୀ ଗ୍ରାମରେ। ସୂଚନା ଅନୁସାରେ ଜାମୁଯୋରୀ ଗ୍ରାମର ଦାମୋଦର ମାଝି ଗତ ଗୁରୁବାର ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମରେ ଦମୟନ୍ତୀଙ୍କୁ ବିବାହ କରିଥିଲେ। ସବୁଦିନ ପରି ଗତ ରାତ୍ରିରେ ସ୍ୱାମୀ ସ୍ତ୍ରୀ ଗୋଟିଏ କୋଠରିରେ ଶୋଇଥିଲେ। ବୁଧବାର ସକାଳୁ ଦମୟନ୍ତୀ ନିଜ ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କ ସହ ନିକଟସ୍ଥ ବଗିଚାକୁ ପାଣି ମଡ଼ାଇବା ପାଇଁ ଯାଇଥିଲେ। ଯିବା ପୂର୍ବରୁ ନବବଧୂ ସ୍ୱାମୀଙ୍କୁ ଡାକିଥିଲେ ମଧ୍ୟ ସେ କିଛି ସମୟ ପରେ ଯିବେ ବୋଲି କହିଥିଲେ। ତେବେ ଦାମୋଦର ବଗିଚାକୁ ନ ଯିବାରୁ ପରିବାର ଲୋକେ ଘରକୁ ଆସି ଶୋଇବା ଘର ଖୋଲିବାରୁ ଦାମୋଦର ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଦେଖିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇଥିଲା। ଆତ୍ମହତ୍ୟାର କାରଣ ଜଣାପଡି ନ ଥିଲେ ମଧ୍ୟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଇସ୍ମାଇଲ ଏକ୍କା ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ ।

ଲଖନପୁର,୨୪।୨(ଡି.ଏନ୍.ଏ.)

ଝାରସୁଗୁଡା ଟାଉନ୍ ଥାନା ପୋଲିସ ତରଫରୁ ସରବାହାଲ ଛକରେ ମଙ୍ଗଳବାର ଏମ୍‌ଭି ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ବାଇକ୍ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏହି ମାମଲାରେ ପୋଲିସ ବ୍ରଜରାଜନଗର ବୁନ୍ଦିଆ କଲୋନୀର ବାଇକ୍ ଚାଳକ ଜିତେନ୍ଦ୍ର ଧଳ ଓ ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଭାଟିପଡ଼ାର ରଞ୍ଜିତ କୁସୁମଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ଏମାନଙ୍କ ନିକଟରୁ ୧୦ କିଲୋ ଗଞ୍ଜେଇ ସହ ଓଡି୨୩ବି–୦୫୨୬ନଂ. ବାଇକ୍‌କୁ ପୋଲିସ ଜବତ କରିଛି। ଏ ନେଇ ପୋଲିସ ଟାଉନ୍ ଥାନାରେ କେସ୍ ନଂ.୯୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ଦ୍ୱୟ ବୌଦ୍ଧରୁ ଗଞ୍ଜେଇ ଆଣି ବ୍ରଜରାଜନଗର ଅଭିମୁଖେ ଆସୁଥିବା ପୋଲିସ ଜାଣିବାକୁ ପାଇଛି।

# ଓଡ଼ିଶୀ ସଙ୍ଗୀତରେ ମୁଖରିତ ହେଲା ତପସ୍ୱିନୀ ପ୍ରେକ୍ଷାଳୟ



ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ କାର୍ଯ୍ୟକ୍ରମ ।

ସମ୍ବଲପୁର,୨୪।୨ (ବ୍ୟୁରୋ)

ଓଡ଼ିଶୀ ସଙ୍ଗୀତ ଉତ୍ସବ ଓ କର୍ମଶାଳା ବୁଧବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ପ୍ରଚାରପ୍ରସାର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରୟାସ ଜାରି ରଖିଛି। ପଶ୍ଚିମ ଓଡିଶାରେ ମଧ୍ୟ ଏହାର ପ୍ରସାର ପାଇଁ ଦୁଇଦିନିଆ ଉତ୍ସବ ପରିକଳ୍ପନା କରାଯାଇଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରଚିତ ଜଣାଣ ଜୟ ଜଗଦୀଶ ଜୟ ସମ୍ବଦିଶରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କଣ୍ଠଶିଳ୍ପୀଙ୍କ ମଧୁର ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ମୁଖରିତ ହୋଇଥିଲା ତପସ୍ୱିନୀ ପ୍ରେକ୍ଷାଳୟ। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଲୋକସମ୍ପର୍କ ବିଭାଗ ଅଧିକାରୀ ନନ୍ଦିନୀ ଶ୍ରୀବାସ୍ତବ, ଦେବେନ୍ଦ୍ର ସାମନ୍ତରାୟ, ସମ୍ବଲପୁର କଳା ପରିଷଦ ସାଧାରଣ ସମ୍ପାଦକ ସୁଶାନ୍ତ ମିଶ୍ର ସମ୍ମାନିତ ଅତିଥି ଥିଲେ। ପୁରୀର ଅଚ୍ୟୁତ ମହାରଣା, ସମ୍ବଲପୁର ନମିତା ଆଚାର୍ଯ୍ୟ ଓ ମୋତିଲାଲ ଦୋରା, କେନ୍ଦ୍ରାପଡାର ରାଜେନ୍ଦ୍ର ସ୍ୱାଇଁ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ସଚ୍ଚିଦାନନ୍ଦ ଦାଶ ଏକକ ମର୍ଦ୍ଦଳ ବାଦନ ପ୍ରସ୍ତୁତ କରିଥିଲେ। ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଡ. ସଙ୍ଗୀତା ଗୋସାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ହୀରାକୁଦରେ ବିଜେଡି ସାଙ୍ଗଠନିକ ବୈଠକ

ସମ୍ବଲପୁର, ୨୪।୨(ବ୍ୟୁରୋ)

ବିଜେଡିର ସାଙ୍ଗଠନିକ ବୈଠକ ବୁଧବାର ସମ୍ବଲପୁର ମହାନଗର ନିଗମର ହୀରାକୁଦଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସଙ୍ଗଠନ ସୁଦୃଢ଼ୀକରଣ ଉପରେ ଆଲୋକପାତ କରିଥିଲେ। ଏବି ବେଗ୍ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଅଶ୍ୱିନୀ କୁମାର କର ସଂଯୋଜନା କରିଥିଲେ। ସୁଶାନ୍ତ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଦଳର ବହୁ କର୍ମୀ ଓ ନେତା ଯୋଗଦେଇଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ରେଢାଖୋଲ,୨୪।୨(ଡି.ଏନ.ଏ.)

**ଚାରବାଟି-ଲୁହାପଙ୍କ ରାସ୍ତା ଦୁରବସ୍ଥା**

ରେଢାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତର ଚାରବାଟି–ଲୁହାପଙ୍କ ରାସ୍ତା ଦୁରବସ୍ଥା ନେଇ ୪ଖଣ୍ଡ ଗ୍ରାମବାସୀ ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଉପଜିଲାପାଳ ଓ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଚାରବାଟି, ମୌଳାଭଣଜା, ଅଙ୍ଗାରପଡା ଓ ହେମାମୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଗତ ମେ' ୨୦୨୦ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତାରେ ଏବେ ପାଦରେ ଚାଲିଯିବା କଷ୍ଟକର ହୋଇପଡିଛି। ଉକ୍ତ ରାସ୍ତାରେ ପ୍ରତିଦିନ ୪ ଗ୍ରାମର ପ୍ରାୟ ୧୫୦ ସ୍କୁଲ ଛାତ୍ରୀଛାତ୍ର ଲୁହାପଙ୍କ ହାଇସ୍କୁଲକୁ ଯାଉଥିବାବେଳେ ପଞ୍ଚାୟତ କାର୍ଯ୍ୟାଳୟକୁ ନିତିଦିନ ଗ୍ରାମବାସୀ ଯିବାଆସିବା କରିଥାନ୍ତି। ବର୍ଷାଦିନେ କାଦୁଅ ଯୋଗୁ ବହୁ ଅସୁବିଧା ହେଉଛି। ଗ୍ରାମବାସୀ ବିଭିନ୍ନ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ମରାମତି କରିବାକୁ ଦାବି କରିଆସୁଥିଲେ ହେଁ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦୋଳଗୋବିନ୍ଦ ପ୍ରଧାନ, ରମଣି ରଞ୍ଜନ ଦେହୁରି, ରମାକାନ୍ତ ବେହେରା, ସୁଦାମ ଷଣ୍ଢ, ସାନ୍ତନୁ ସ୍ୱାଇଁ, ଜୟକୃଷ୍ଣ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

# ପରାମର୍ଶ ଶିବିର: ୧୧୦ ଯୁବତୀଯୁବକ ପଞ୍ଜୀକୃତ

ସମ୍ବଲପୁର,୨୪।୨(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପରିସରରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓର୍‌ମାସ, ଓଡ଼ିଶା ଜୀବିକା ମିଶନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ମାନେଶ୍ୱର ବିଡିଓ ନୀଳାମ୍ବର ମହାନନ୍ଦ, ଓର୍‌ମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା, ଏବିଡିଓ ଜୟରାମ ପଣ୍ଡା ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୧୦ ଯୁବତୀଯୁବକ ପଞ୍ଜୀକୃତ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୧ଜଣଙ୍କୁ ଚୟନ କରାଯାଇଛି। ତାଲିମ ପ୍ରଦାନ ପରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସିଲେଇ ମେସିନ, ଇଲେକ୍ଟ୍ରୋନିକ୍ସ, ରୁମ୍ ଆଟେଣ୍ଡାଣ୍ଟ, ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିବା ପାଇଁ ତାଲିମ ପ୍ରଦାନ କରାଯିବ। ବ୍ଲାକ ଆଚ୍ଛର, ସାଇ ଏକ୍ସପୋର୍ଟ, କୁଇସ୍, ଜ୍ଞାନକଳ୍ପ, ସିଏସ୍‌ଟା ପ୍ରାଇଭେଟ ଲିମିଟେଡ, ଗ୍ରାମ ତରଙ୍ଗ ଭଳି କମ୍ପାନୀଗୁଡିକ ଏଥିରେ ସାମିଲ ହୋଇଥିଲେ। ଅନ୍ୟପଟେ ସମ୍ବଲପୁର ବନଖଣ୍ଡ ଓଡ଼ିଶା ବନାଞ୍ଚଳ ଅଧୀନରେ ଥିବା ଭିଏସ୍‌ଏସ୍‌ରୁ ପ୍ରାୟ ୨୦ ଯୁବତୀଯୁବକ ତାଲିମ ନେବା ପାଇଁ ଚିହ୍ନଟ ହୋଇଛନ୍ତି। ବନାଞ୍ଚଳ ବିଶେଷଜ୍ଞ ତୁଷାର ପାଣିଗ୍ରାହୀ, ଜୀବନ ଜୀବିକା ସଂଯୋଜକ ବିଭୂତିଭୂଷଣ ହୋତା, ବିଇଓ ରୀତା ସାହୁ, ଧମା ରେଞ୍ଜ ଟିମ୍ ଲିଡର୍ ଦିଲୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।


ଶିବିରରେ ଯୋଗଦେଇଥିବା ଅତିଥି।

# ନୂଆ ରୂପରେ ଦେଓଦରହ

ଲହୁଣୀପଡା,୨୪।୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜ୍ଜ ପଞ୍ଚାୟତର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପିକନିକ୍ ସ୍ପଟ ଦେଓଦରହର ପୁନରୁଦ୍ଧାର କରାଯାଇଛି। ବୁଧବାର ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ଏହାକୁ ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ଜିଲାପାଳଙ୍କ ସମେତ ରାଉରକେଲା ଡିଏଫଓ ସଞ୍ଜୟ କୁମାର ସ୍ୱାଇଁ, ଏସିଏଫ ଦିଲୀପ କୁମାର ସାହୁ, ବାଙ୍କି ରେଞ୍ଜର ଅଜୟ କୁମାର ଖେସ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଅଙ୍ଗାରପୋଡା ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ଅତିଥିମାନଙ୍କୁ ଆଦିବାସୀ ନୃତ୍ୟ ଗୀତର ତାଳେ ତାଳେ ପାଛୋଟି ନେଇଥିଲେ। ଅତିଥିମାନେ ନବ ନିର୍ମିତ ପିକ୍‌ନିକ ସ୍ପଟକୁ ଉଦ୍‌ଘାଟନ କରିଥିଲେ। ଦେଓଦରହ ପିକ୍‌ନିକ ସ୍ପଟ ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡିଥିଲା। ଏହାର ପୁନରୁଦ୍ଧାର କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଜିଲା ପ୍ରଶାସନ ଉଦ୍ୟମ କରିଥିଲା। ଜିଲା ଖଣିଜ ପାଣ୍ଠିରୁ ୫୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହା କରାଯିବା ପାଇଁ ଜିଲାପାଳ କଲ୍ୟାଣ ଗତବର୍ଷ ଜାନୁୟାରୀ ମାସରେ ଶିଳାନ୍ୟାସ କରିଥିଲେ। ଗୋଟାଏ ବର୍ଷ ମଧ୍ୟରେ ରାଉରକେଲା ବନଖଣ୍ଡ ଓ ବାଙ୍କି ବନାଞ୍ଚଳର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଓଦରହ ପିକ୍‌ନିକ ସ୍ପଟକୁ ଆକର୍ଷଣୀୟ କରାଯାଇଛି।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ ।

ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ୪୦ଟି ପିଣ୍ଡି, ୫୦ଟି ବେଞ୍ଚ, ମହିଳା ଓ ପୁରୁଷମାନଙ୍କ ପାଇଁ ଶୌଚାଳୟ ନିର୍ମାଣ, ପାନୀୟ ଜଳ ଯୋଗାଣ ନିମନ୍ତେ ସୋଲାର ପାଣିପମ୍ପର ସୁବିଧା ସମେତ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିବା ଜାଣିବାକୁ ମିଳିଛି। ଏହା ଅଙ୍ଗାର ପୋଡା ବନ ସୁରକ୍ଷା ସମିତି ଓ ଦେଓଦରହ ଇକୋ ଟୁରିଜିମ୍ ତତ୍ତ୍ୱାବଧାନରେ ପରିଚାଳିତ ହେବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ କୁଆରମୁଣ୍ଡା ରେଞ୍ଜ ଅଧିକାରୀ ସ୍ୱାଧୀନତା ସ୍ୱାଇଁ, ବିଶ୍ରା ରେଞ୍ଜ ଅଧିକାରୀ ମାଣିକେଶ୍ୱରୀ ହାସଁଦାଙ୍କ ସମେତ ଫରେଷ୍ଟର ଗୋପାଳ ଓରାମ୍, ପ୍ରଫୁଲ୍ଲ ସ୍ୱାଇଁ, କପିଳେଶ୍ୱର ଦଳବେହେରା ଓ ବନରକ୍ଷୀମାନେ ଉପସ୍ଥିତ ଥିଲେ ।

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୨୫ ଫେବୃୟାରୀ, ୨୦୨୧



**ବୃଦ୍ଧାଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ**

ବରଗଡ଼ ଅଫିସ: କାଠ କାଟିବାକୁ ନେଇ ବରଗଡ଼ ଜିଲା ଅମ୍ବାଭୋନା ଥାନା ଅନ୍ତର୍ଗତ ଦ୍ୱାରି ଗ୍ରାମରେ ବୁଧବାର ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଛି। ମୃତ ବୃଦ୍ଧା ହେଲେ ଉକ୍ତ ଗ୍ରାମର ରକ୍ମିଣୀ ବାଗ(୬୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ପ୍ରକାଶ ଯେ, ଦ୍ୱାରି ଗ୍ରାମ ନିକଟରେ କାଠ ସଂଗ୍ରହକୁ ନେଇ ରକ୍ମିଣୀ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଯୁବକ ଜଣକ ଉତକ୍ଷିପ୍ତ ହୋଇ ବୃଦ୍ଧାଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିଯୁକ୍ତଙ୍କୁ ଧରି ଥାନାକୁ ନେଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଯାଇଛି। ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରା ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ସୁନାଦୋକାନରୁ ଚୋରି

ଅତାବିରା, ୨୪।୨(ଡି.ଏନ.ଏ): ବରଗଡ ଜିଲା ଅତାବିରା ଥାନା ୫୩ ନମ୍ବର ଜାତୀୟ ରାଜପଥ ନିକଟ ବ୍ଲକ ଅଫିସ ଛକ ପାର୍ଶ୍ୱରେ ଥିବା ସତ୍ୟନାରାୟଣ ଜ୍ୱେଲେରିରୁ ବୁଧବାର ଦିନଦ୍ୱିପ୍ରହରରେ ସୁନା ଗହଣା ଚୋରି ହୋଇଛି। ଚୋରି ଗହଣାର ଆନୁମାନିକ ମୂଲ୍ୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଦୋକାନ ମାଲିକ ଶ୍ୟାମସୁନ୍ଦର ସରାଫ ଅତାବିରା ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ରିପୋର୍ଟ ଲେଖାହେବା ସୁଦ୍ଧା (ରାତି ୭ଟା) ଚୋରି ଅଭିଯୁକ୍ତଙ୍କ ଟେର୍ ମିଳିନି।

### ନେତାଜୀ ଫୁଟବଲ: ଫାଇନାଲରେ ଧୃରପୁର

ବିନିକା,୨୪।୨(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଖଇରମାଳ ନେତାଜୀ କ୍ଲବ ପକ୍ଷରୁ ଗାଁ ଖେଳ ପଡିଆରେ ୨୨ତମ ନେତାଜୀ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଦୁଇ ଦିନଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଖଇରମାଳ ଓ କଦଳୀପାଲି ମଧରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ବରାବର ରହିବାରୁ ପେନାଲଟି ସୁଟ୍‌ଆଉଟରେ ଖଇରମାଳ ଦଳ ୨-୦ଗୋଲରେ କଦଳୀପାଲିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଧୃରପୁର ଓ ସଂହରାପାଲି ମଧରେ ହୋଇଥିଲା। ଏଥିରେ ଧୃରପୁର ୧-୦ଗୋଲରେ ସଂହରାପାଲିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଶେଷରେ ସେମି ଫାଇନାଲ ମ୍ୟାଚ ଖଇରମାଳ ଓ ଧୃରପୁର ମଧରେ ହୋଇଥିଲା। ଏଥିରେ ଧୃରପୁର ଦଳ ଖଇରମାଳକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଓ ପୁରସ୍କାର ବିତରଣ ସମାରୋହରେ ସିଂଘିଯୁବା ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ପାତ୍ର ଯୋଗଦେଇଥିଲେ।

### ଯୁବ ରେଡକ୍ରସ୍‌ର ତାଲିମ ଶିବିର

ଡୁଙ୍ଗୁରିପାଲି, ୨୪।୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ରାମପୁର ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତ୍ରିଦିବସୀୟ ଯୁବ ରେଡ୍‌କ୍ରସର ଟ୍ରେନିଂ ଶିବିର ଅଧକ୍ଷା କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସେନପୁର ମହାବିଦ୍ୟାଳୟର ପ୍ରାଧାପକ ତଥା ରେଡ୍‌କ୍ରସ ସୋସାଇଟି ଅଧକ୍ଷ ତରୁଣ କୁମାର ମିଶ୍ର, ଯୁବ ରେଡ୍‌କ୍ରସର ଜିଲା ସଂଯୋଜକ ଉମାକାନ୍ତ ନାଗ ଯୋଗଦେଇଥିଲେ। ଆଗାମୀ ପିଢ଼ି ପାଇଁ ଯୁବ ରେଡ୍‌କ୍ରସ କିପରି ପ୍ରେରଣାଦାୟକ ହୋଇପାରିବ ତାହା ଉପରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଯୁବ ରେଡ୍‌କ୍ରସ କାଉନସେଲର ରୂପବନ୍ତ ପଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସୋସାଇଟି ଅଧକ୍ଷ ମିଶ୍ର ଓ ଅଧକ୍ଷା ଦାଶଙ୍କୁ ସେବା ଓ ସମର୍ପଣର ପ୍ରମାଣ ସ୍ୱରୂପ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଲୋକେଶ୍ୱର ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍ ଧକ୍କାରେ ଦୁଇ ଶିକ୍ଷକ ଗୁରୁତର

ଲୋଇସିଂହା,୨୪।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥ ବୁଢ଼ାପଦର ନିକଟସ୍ଥ ଆରମି ଢାବା ନିକଟରେ ମଙ୍ଗଳବାର ରାତିରେ ଏକ କାର(ନଂ.ଓଡି୨୬ ବି୧୧୬୬) ଧକ୍କାରେ ଦୁଇଜଣ ଶିକ୍ଷକ ଗୁରୁତର ହୋଇଛନ୍ତି। ସେମାନେ ହେଲେ କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲର ଶିକ୍ଷକ ଦୀପକ କୁମାର ସାହୁ ଓ ଶିବପ୍ରସାଦ ଭୋଇ। ସେମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର କାର ନେଇ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ କାରର ପିଛା କରି ଲୋଇସିଂହା ବ୍ଲକ ବାଦିମୁଣ୍ଡା ଛକରେ ଧରି ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ କେଉଁଟପାଲି ଆଦିବାସୀ ହରିଜନ ହାଇସ୍କୁଲର ହିନ୍ଦୀ ଶିକ୍ଷକ ତଥା ସୁବର୍ଣ୍ଣପୁର ଜିଲା ଚେରୁପାଲି ନିବାସୀ ଦୀପକ ସାହୁ ଓ ଖୁସାମାଳ ନିବାସୀ କ୍ରୀଡା ଶିକ୍ଷକ ଶିବପ୍ରସାଦ ଭୋଇ ସ୍କୁଲ ଛୁଟି ପରେ ବାଇକରେ ଘରକୁ ଫେରୁଥିବାବେଳେ ସାମନା ପଟୁ ଆସୁଥିବା କାର ସେମାନଙ୍କୁ ଧକ୍କା ଦେଇଥିଲା।

# ୧୬ ହଜାରରୁ ୧୬ଶହ ଗଛ ନାହିଁ

ଅତାବିରା, ୨୪।୨ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତରେ ସବୁଜ ମହାନଦୀ ମିଶନ ଫେଲ୍ ହୋଇଛି। ଏହି ଯୋଜନାରେ ଲଗାଯାଇଥିବା ଅଧିକାଂଶ ଚାରା ରକ୍ଷଣାବେକ୍ଷଣ ଅଭାବରୁ ମରି ଯାଇଛି।

ସୂଚନା ଅନୁସାରେ, ୨୦୧୮-୧୯ରେ ଉକ୍ତ ପଞ୍ଚାୟତର ଉଦେପୁର ପତରାଠାରେ ସବୁଜ ମହାନଦୀ ମିଶନ ଆରମ୍ଭ କରାଯାଇ ଜଙ୍ଗଲ ବିଭାଗ ପକ୍ଷରୁ ୧୦ ହେକ୍ଟର ୧୬ ହଜାର ଚାରା ଲଗାଯାଇଥିଲା। ହେଲେ ଏବେ ୧୬ ଶହ ଚାରା ମଧ ଦେଖା ଯାଉନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଗଛ ଗୁଡିକ ମରିଗଲାଣି। ସେହିପରି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମରୁ ମହାନଦୀ ଖଣି ରାସ୍ତାରେ ୨୦୨୦-୨୧ ଆର୍ଥିକ ବର୍ଷରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ୬୬ ହଜାର ଟଙ୍କା ଦେଶଭଟିଲି ପଞ୍ଚାୟତ ତରଫରୁ ଖର୍ଚ୍ଚ କରାଯାଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଗଛଗୁଡିକ ମରିଯାଇଥିବା ଦେଖିବାକୁ ମିଳିଛି। ଦେଶଭଟିଲି ପଞ୍ଚାୟତ ଦେଶକୁମ୍ଭାରୀ ଫୁଟବଲ ଖେଳ ପଡିଆ ଚତୁଃପାର୍ଶ୍ୱରେ ୬୬ ହଜାର ଟଙ୍କା ବ୍ୟୟ ଅଟକଳରେ ମଧ ବୃକ୍ଷରୋପଣ କରାଯାଇଥିଲା। ସେହି ଚାରାଗୁଡିକ ରକ୍ଷଣାବେକ୍ଷଣ ନ ହେବାରୁ ଖାଉଁଳି ମରିଗଲାଣି। ନିୟମିତ ପାଣି ଦିଆଯାଇ ନ ଥିବାରୁ ବୃକ୍ଷଗୁଡିକ ମରିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବରଗଡ ରେଞ୍ଜର ମହେନ୍ଦ୍ର ପାତ୍ରଙ୍କୁ ପଚରାଯିବାରୁ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।

**ସବୁଜ ମହାନଦୀ ମିଶନ**



ଉଦେପୁର ମହାନଦୀ ଖଣ୍ଡିରେ ଲଗାଯାଇଥିବା ସୂଚନା ଫଳକ।

# ମୋଦିଙ୍କ ଛବି ଥିବା ପୋଷ୍ଟର ଚିରିଲେ


ଛାତ୍ର କଂଗ୍ରେସ କର୍ମୀମାନେ ବରଗଡ଼ରେ ମୋଦିଙ୍କ ଛବି ଥିବା ପୋଷ୍ଟର ଚିରୁଛନ୍ତି।

ବରଗଡ଼ ଅଫିସ,୨୪।୨

ପେଟ୍ରୋଲ, ଡିଜେଲ ଦର ବୃଦ୍ଧିକୁ ନେଇ ବରଗଡ଼ ଜିଲା ଛାତ୍ର କଂଗ୍ରେସ ଅଭିନବ ପ୍ରତିବାଦ କରିଛି। ଏହି କ୍ରମରେ ବୁଧବାର ଛାତ୍ର କଂଗ୍ରେସ କର୍ମୀମାନେ ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛବି ଥିବା ପୋଷ୍ଟରଗୁଡ଼ିକୁ ଫାଡ଼ିଥିଲେ। ଛାତ୍ର କଂଗ୍ରେସ ନେତା ଅଭିଷେକ ନାୟକ, ଗୌରବ ପତି, ସୁବ୍ରତ ନାଏକ, ଅଭିଳାଷ ପତି, ପିଙ୍କୁନ ନାଏକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତୈଳଦର ହ୍ରାସ କରା ନ ଗଲେ ଆଗକୁ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ପଟ୍ଟା ମିଳିଛି, ଜମି ଚିହ୍ନଟ ହୋଇନି

ଦେଓଗାଁ, ୨୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅର୍ଜୁନପୁର ଆରଆଇ ସର୍କଲ ଅନ୍ତର୍ଗତ ଖଗସିକନାର ୩୮ ଭୂମିହୀନଙ୍କୁ ୧୯୮୭ମସିହାରେ ପ୍ରତ୍ୟେକ ୪ଡିସମିଲ ଲେଖାଏ ସରକାରୀ ଜମି ଆବଣ୍ଟିତ କରାଯାଇଥିଲା। ୨୩ବର୍ଷ ବିତି ଯାଇଥିଲେ ବି ଅଦ୍ୟାବଧି ସେମାନଙ୍କୁ ମିଳିଥିବା ଜମି ଚିହ୍ନଟ କରାଯାଇ ନାହିଁ। ଜମି ଚିହ୍ନଟ ଦାବିରେ ବୁଧବାର ସେମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତହସିଲଦାର ନାରାୟଣ ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଆସନ୍ତା ମାର୍ଚ୍ଚ ମାସ ୪ ତାରିଖରେ ଜମି ଚିହ୍ନଟ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାନୁସାରେ ୧୯୮୭ ମସିହାରେ ତୁଷୁରା ତହସିଲ ଅଧୀନରେ ଥିବା ଖଗସିକନାର ୩୮ଜଣ ଭୂମିହୀନଙ୍କୁ ୪ଡିସମିଲ ଲେଖାଏ ଜମି ପ୍ରଦାନ କରାଯାଇଛି। ସେମାନେ ମଧ ଉକ୍ତ ଜମିର ଖଜଣା ପଇଠ କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଜମି ଚିହ୍ନଟ ହୋଇପାରୁନାହିଁ। ଫଳରେ ସେମାନେ ଉକ୍ତ ଜମିରେ ଘର କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଚଳିତମାସ ୧୭ ତାରିଖରେ ଉକ୍ତ ହିତାଧିକାରୀଙ୍କ ଜମିଚିହ୍ନଟ ପାଇଁ ନୋଟିସ୍ କରାଯାଇଥିଲା। ହେଲେ ହଠାତ ୨୨ତାରିଖରେ ଏହି ଚିହ୍ନଟକରଣ ପ୍ରକ୍ରିୟାକୁ ରାଜସ୍ୱ ନୀରିକ୍ଷକଙ୍କ ତରଫରୁ ସ୍ଥଗିତ କରାଯାଇଥିଲା। ଫଳରେ ସେମାନେ ନିରାଶ ହୋଇ ତହସିଲ ଅଫିସ ଘେରାଉ ପାଇଁ ନିଷ୍ପତ୍ତି ନେଇଥିଲେ। ତହସିଲଦାର ସାହୁଙ୍କ ପଚାରିବାରୁ ବିଶୃଙ୍ଖଳା ଦେଖାଦେବା ଆଶଙ୍କାରେ ଚିହ୍ନଟକରଣ ପ୍ରକ୍ରିୟାକୁ ସ୍ଥାଗିତ ରଖାଯାଇଛି। ପୋଲିସ ସହାୟତାରେ ଆସନ୍ତା ୪ ତାରିଖରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।


ଜମି ଚିହ୍ନଟ ଦାବିରେ ତହସିଲ ଆଗରେ ଭୂମିହୀନମାନେ ଧାରଣା ଦେଇଛନ୍ତି।

**ତହସିଲ ଅଫିସ ଆଗରେ ଧାରଣା ଦେଲେ ଭୂମିହୀନ ହିତାଧିକାରୀ**

# ଚାକିରି ସ୍ଥାୟୀକରଣ ଦାବି କଲେ ଡିସିପିୟୁ କର୍ମଚାରୀ

ବଲାଙ୍ଗୀର ଅଫିସ, ୨୪।୨

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ଷ୍ଟାଫ୍‌ମାନଙ୍କ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇ ଚାକିରି ସ୍ଥାୟୀ କରିବାକୁ ଦାବି କରାଯାଇଛି। ଦୀର୍ଘ ୮ ବର୍ଷ ହେଲା ଚାକିରି କରିସାରିଥିଲେ ମଧ ଏମାନଙ୍କ ଚୁକ୍ତିବଦ୍ଧ ନିଯୁକ୍ତିକୁ ରେଗୁଲାର କରାଯାଇ ନାହିଁ। ଏହାସହିତ ଗତ ୮ ବର୍ଷ ଭିତରେ ଦରମା ବୃଦ୍ଧି ଓ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଇ ନ ଥିବା ଦର୍ଶାଯାଇଛି। ୨୦୧୩ ମସିହାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଲିଗାଲ ପ୍ରୋବେସନ୍ ଅଫିସର, ପ୍ରୋଟେକ୍ସନ୍ ଅଫିସର ଇନ୍‌ଷ୍ଟିଚ୍ୟୁଶନାଲ କେୟାର ଓ ଅନ୍ୟାନ୍ୟ ପଦବୀରେ ଚୁକ୍ତିଭିତ୍ତିକ ନିଯୁକ୍ତି କରାଯାଇଥିଲା। ଦୀର୍ଘ ୮ ବର୍ଷ ଧରି ଏହି ପଦପଦବୀରେ ଦାୟିତ୍ୱର ସହ କାର୍ଯ୍ୟ କରିଥିଲେ ମଧ ଏହି ଅଧିକାରୀ ଓ କର୍ମଚାରୀଙ୍କ ନିଯୁକ୍ତିକୁ ଏପର୍ଯ୍ୟନ୍ତ ସ୍ଥାୟୀ କରାଯାଇନାହିଁ। ଏହା ସହିତ ଏହି ଅଧିକାରୀ ଓ କର୍ମଚାରୀଙ୍କ ଦରମା ଓ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ଯଥା ଇପିଏଫ୍, ଇଏସ୍‌ଆଇ, ଚିକିତ୍ସା ସୁବିଧା, ମୋବାଇଲ ଏବଂ ଅନ୍ୟାନ୍ୟ ଆଲାଉନ୍ସ ପ୍ରଦାନ କରାଯାଇନାହିଁ। ସୀମିତ ପାଉଣାରେ ଏହି କର୍ମଚାରୀ ଓ ଅଧିକାରୀମାନେ ଚୁକ୍ତିଭିତ୍ତିରେ କାମ କରି ଆସୁଥିବା ଦର୍ଶାଇଛନ୍ତି। ବିଭିନ୍ନ ଜିନିଷପତ୍ରର ଦରବୃଦ୍ଧି ଯୋଗୁଁ କମ୍ ପାଉଣାରେ ଜୀବନ ଅତିବାହି କରିବା କଷ୍ଟକର ହୋଇପଡିଛି ବୋଲି ଦର୍ଶାଇଛନ୍ତି। ବଲାଙ୍ଗୀର ଡିସିପିୟୁ ଲକ୍ଷ୍ମୀ ସିଂ, ଲିଗାଲ ପ୍ରୋବେସନ ଅଫିସର ଦିଗମ୍ବର କର, ସୁଧାଂଶୁ ଶେଖର କୁମ୍ଭାର, ଚୁଡାମଣି ପଣ୍ଡା, ଅରୁଣ ଖୁଆସ, ସାରିକା ପୁରୋହିତ, ଶେଷଦେବ ମହାକୁର, ବଦ୍ରିନାଥ ଠାକୁର, ନିର୍ମଳ ଶର୍ମା, ପଞ୍ଚାନନ ମିଶ୍ର ଓ ଆଶୁତୋଷ ତ୍ରିପାଠୀ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ

ପାଇକମାଳ, ୨୪।୨ (ଡି.ଏନ.ଏ)

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିବ। ଏ ନେଇ ପାଇକମାଳ ସରକାରୀ ଚିକିତ୍ସାଳୟ ପରିସରରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ସୂଚନା ପ୍ରଦାନ କରାଯାଇଛି। ଏଥିରେ ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ୍ ରେବତୀ ମୋହନ ଜେନା, ଭିବିଡିଟିଏସ୍ ସାନୋଜ କୁମାର ଦାସ, ବିଏଏମ ସୁବ୍ରତ ବିଶ୍ୱାଳ ଉପସ୍ଥିତ ଥିଲେ। ପାଇକମାଳ ବ୍ଲକରେ ୧ ଲକ୍ଷ ୨୩ ହଜାର ଲୋକଙ୍କୁ ଔଷଧ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୨୪୩ ଜଣ ଘରକୁ ଘର ଯାଇ ଔଷଧ ସେବନ କରାଇବେ। ସେମାନଙ୍କୁ ତଦାରଖ କରିବା ପାଇଁ ୨୩ ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଡା. ସୌମ୍ୟରଞ୍ଜନ ଦାଶ କହିଛନ୍ତି।

# ୧୧୯ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟତା ଉପକରଣ ବଣ୍ଟନ


ଅତିଥିଙ୍କ ଗହଣରେ ସହାୟତା ଉପକରଣ ପାଇଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ର।

ମୁରିବାହାଲ, ୨୪।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ସୋମବାର ୧୧୯ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଇଛି। ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆଙ୍କ ସଭାପତିତ୍ୱରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଡିଓ ପ୍ରିୟରଞ୍ଜନ କୁମ୍ଭାର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ବଲାଙ୍ଗୀର ସିଆରସିସି ଡା. ସୁରେନ୍ଦ୍ର ଭୋଇ, କଟକ ଓଲଟପୁରର ରାଜକିଶୋର ସାହୁ, ପ୍ରଭାସୀ ମିଶ୍ର, ବିଆରଟି ଆଗଲପୁର ରାଜକିଶୋର ସାମଲ ଯୋଗଦେଇ ଭିନ୍ନକ୍ଷମଙ୍କୁ ପ୍ରଦାନ କରାଯାଇଥିବା ସାମଗ୍ରିର ବ୍ୟବହାରତା ଓ ସେମାନଙ୍କ ବିକାଶ ଓ ଦକ୍ଷତା ଉପରେ ମତ ରଖିଥିଲେ। ଏହାପରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଟ୍ରାଇସାଇକେଲ, ହୁଇଲ ଚେୟାର, ଆଶାବାଡି, କଣ୍ଠବନ୍ଧକ ଯନ୍ତ୍ର, ବ୍ଲାଇନ କିଟ୍, ସ୍କଟ ଫୋର୍ସ ପ୍ରଭୃତି ପ୍ରଦାନ କରାଯାଇଥିଲା। ଏବିଇଓ ଦେବରାଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ଶିକ୍ଷା ବିଭାଗ, ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ କେନ୍ଦ୍ର ଓଲଟପୁର କଟକର ମିଳିତ ଆନୁକୂଲ୍ୟରେ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା।

# ରଦ୍ଦ ହେଲା ୨୯ ଚାଷୀଙ୍କ ଟୋକନ

ଲୋଇସିଂହା,୨୪।୨(ଡି.ଏନ.ଏ.)

**ପ୍ରତିବାଦ ପରେ ଧାନ ଉଠାଇବା ପ୍ରତିଶ୍ରୁତି ଦେଲା ବିଭାଗ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ପ୍ୟାକ୍ସ ଅଧୀନ ଉପରବାହାଲ ଉପକେନ୍ଦ୍ରର ୨୯ଜଣ ଚାଷୀଙ୍କ ଟୋକନ ରଦ୍ଦ ହୋଇଯାଇଛି। ସମ୍ପୃକ୍ତ ଚାଷୀମାନେ ଏହାର ପ୍ରତିବାଦ କରି ଉକ୍ତ କେନ୍ଦ୍ରରୁ ମିଲ୍‌କୁ ଯାଉଥିବା ଧାନ ବୋଝେଇ ମିନି ଟ୍ରକକୁ ଶନିବାର ରାତିରୁ ଅଟକା ରଖିଥିଲେ। ଘଟଣାର ୩ଦିନ ପରେ ଏଆରସିଏସ ଅନନ୍ତ ନାୟକ, ଗୋବିନ୍ଦ ନାଗ, ଏସିଏସଓ ଶରତ ରାଉତ, ସ୍ଥାନୀୟ ତହସିଲଦାର ସନ୍ତୋଷ ଦାସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଟୋକନ ପୁନଃ କାର୍ଯ୍ୟକାରୀ ସମ୍ଭବ ନୁହେଁ। ଏଣୁ ଯେକୌଣସି ଉପାୟରେ ସମସ୍ତ ଚାଷୀଙ୍କ ଧାନ ସପ୍ତାହକ ମଧ୍ୟରେ କିଣାଯିବ ବୋଲ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଅଟକ ଧାନଗାଡିକୁ ଛାଡିଥିଲେ। ଆଗଲପୁର ବ୍ଲକ ରୋତ ପ୍ୟାକ୍ସ ଅଧୀନରେ ଉପରବାହାଲ ଉପକେନ୍ଦ୍ର ରହିଛି। ଏହି ଉପକେନ୍ଦ୍ରରେ ଉପରବାହାଲ, ଭାଲୁପାଲି ଓ ମାହକୁରପାଲିର ଗାଁର ଚାଷୀଙ୍କ ଧାନ କିଣାବିକା ହୋଇଥାଏ। ଚାଷୀଙ୍କ ସୂଚାନା ଅନୁଯାୟୀ ଉପକେନ୍ଦ୍ରରେ ଧାର୍ଯ୍ୟ ତାରିଖ ମଧ୍ୟରେ ଧାନ ନ ଉଠିବାରୁ ୨୯ଜଣ ଚାଷୀଙ୍କ ଟୋକନ ଅବୈଧ ହୋଇଯାଇଥିଲା। ସେତେବେଳେ ଟାର୍ଗେନ ନାହିଁ କହି ଏମାନଙ୍କ ଧାନ ଉଠିପାରି ନ ଥିଲା। ହେଲେ ପିଛିଲା ତାରିଖର ଟୋକନରେ ଉକ୍ତ ଉପକେନ୍ଦ୍ରରୁ ନିୟମିତ ଧାନ ଉଠୁଥିବା ଜାଣି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ଶନିବାର ଚାଷୀ ସାରଥୀ ସାହୁ, ଗୌତମ ସେଠ, ସତ୍ୟ ପଟେଲ, ସୁରେନ ପରୁଆ, ପଞ୍ଚା ପରୁଆ, କମ୍ଳପାଣି ମହାକୁର, ବନବିହାରୀ ଭୋଇ, ଭକ୍ତ ସାହୁ, ଧୀରେନ ପୁଟେଲ ପ୍ରମୁଖ ଉକ୍ତ ଉପକେନ୍ଦ୍ରରୁ ଧାନ ଉଠାଣ କରି ବଲାଙ୍ଗୀର ଏକ ମିଲକୁ ଧାନ ନେଉଥିବା ମିନିଟ୍ରକ(ଓଡି୦୩ଅର୫୨୩୯)କୁଅଟକାଇ ନିଜର ଅସନ୍ତୋଷ ଜାହିର କରିଥିଲେ।

# ଏନଏସି ମାନ୍ୟତା ଦାବିରେ ଧାରଣା

ଲୋଇସିଂହା,୨୪।୨(ଡି.ଏନ.ଏ.)

**ଅନିର୍ଦ୍ଦିଷ୍ଟକାଳୀନ ଧାରଣାକୁ ବିଭିନ୍ନ ସଂଗଠନର ସମର୍ଥନ**

ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବ୍ଲକ ଅଫିସ ଆଗରେ ଅନିର୍ଦ୍ଦିଷ୍ଟ କାଳ ଧାରଣା ବୁଧବାରଠାରୁ ଆରମ୍ଭ ହୋଇଛି। ଧାରଣାରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ସାମିଲ ହୋଇଛନ୍ତି। ବିକାଶ ପରିଷଦ ଅଭିଯୋଗ କରିଛି ଯେ, ସମସ୍ତ ଯୋଗ୍ୟତା ଥିଲେ ବି ଲୋଇସିଂହା ଭଳି ପୁରୁଣା ସହରକୁ ଅଣଦେଖା କରାଯାଉଛି। ଲୋଇସିଂହାକୁ ସହରାଞ୍ଚଳ ଭାବେ ୨୦୧୧ରେ ଜନଗଣନା କରାଯାଇଥିଲା। ଲୋଇସିଂହା ଓ ବୁର୍ଡାର ଜନସଂଖ୍ୟା ୧୫ ହଜାରୁ ଊର୍ଦ୍ଧ୍ୱ। ଏହାସତ୍ତ୍ୱେ ପ୍ରସ୍ତାବିତ ଏନଏସି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ଦୁର୍ଭାଗ୍ୟଜନକ ବୋଲି ବିକାଶ ପରିଷଦ ସଦସ୍ୟ ସରୋଜ ବିଶ୍ୱାଳ କହିଛନ୍ତି। ପରିଷଦ ପକ୍ଷରୁ ଗତ ୧୭ ତାରିଖରେ ଜିଲାପାଳଙ୍କୁ ଏନଏସି ସଂକ୍ରାନ୍ତ ସ୍ଥିତାବସ୍ଥା ସମ୍ପର୍କରେ ଜଣାଇବା ପାଇଁ ଏକ ସପ୍ତାହ ମହଲତ ମାଗିଥିଲେ। ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆ ନ ଯିବାରୁ ଅଞ୍ଚଳବାସୀଙ୍କୁ ନେଇ ଧାରଣା ଦିଆଯାଇଛି। ଏହାକୁ ୫୦ଟି ସଂଗଠନ ସମର୍ଥନ କରୁଛନ୍ତି। ଏଥିପୂର୍ବରୁ ଗତ ୨୨ ତାରିଖରେ ଏ ନେଇ ଲୋଇସିଂହା ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇ ସାରିଛି।



ବ୍ଲକ ଅଫିସ ଆଗରେ ଦିଆଯାଇଥିବା ଧାରଣାରେ ସାମିଲ ଅଞ୍ଚଳବାସୀ।

# ପିଏମ୍‌ଏୱାଇ ହିତାଧିକାରୀ ଚୟନରେ ଅନିୟମିତତା

ସୋନପୁର,୨୪।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ହିତାଧିକାରୀ ଚୟନରେ ଅନିୟମିତତା ହୋଇଛି। ବିନିକା, ତରଭା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ସୋନପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଦୁର୍ନୀତି ସୀମା ଟପିଛି। ଧନୀକ ଶ୍ରେଣୀର ଲୋକେ ଚଞ୍ଚକତା କରି ଯୋଜନାରେ ସାମିଲ ହେଉଥିବା ବେଳେ ବହୁ ଗରିବ ଲୋକେ ଏଥିରୁ ବଞ୍ଚିତ ହୋଇଛନ୍ତି। ପ୍ରତିବାଦରେ ସୋନପୁର ସହରରେ ରାଲି ହେବା ସହ ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ନେତୃତ୍ୱରେ ଯୋଜନାରୁ ବାଦ୍ ପଡିଥିବା ଭଣ୍ଡାର, ଗୁଲୁଣ୍ଡା ଓ ଅନ୍ୟ ପଞ୍ଚାୟତର ଗରିବ ଶ୍ରେଣୀର ଲୋକେ ଏହି ଆନ୍ଦୋଳନରେ ସାମିଲ ହେବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଘଣ୍ଟି ବଜାଇଥିଲେ। ପରେ ଏହି ଦୁର୍ନୀତିର ସିବିଆଇ ତଦନ୍ତ ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପିଡି ଡିଆରଡିଏ ଡୋଲାମଣି ପଟେଲ ସ୍ମାରକପତ୍ର ଗ୍ରହଣ କରିବା ସହ ଅଭିଯୋଗର ତଦନ୍ତ ପାଇଁ ପ୍ରତିଶ୍ରୃତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ ଟ୍ୟାଗ୍ ଅଫିସରମାନେ ତାଲିକାକୁ ଏପଟ ସେପଟ କରୁଛନ୍ତି। ଲାଞ୍ଚ ନ ପାଇଲେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇ ଅଯୋଗ୍ୟଙ୍କୁ ସାମିଲ କରାଉଛନ୍ତି। ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତରେ ସରକାରୀ ଚାକିରିଆ, ଟ୍ରାକ୍ଟର ମାଲିକ ଯୋଜନାରେ ସାମିଲ ହୋଇ ଫାଇଦା ପାଇଛନ୍ତି। ପ୍ରତିବାଦରେ ପଞ୍ଚାୟତର ଜନସାଧାରଣ ଗତ ଅକ୍ଟୋବର ମାସ ୭ ତାରିଖରେ ବିନିକା ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଦୋଷୀ ଅଧିକାରୀ ଓ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି। ଆନ୍ଦୋଳନରେ ଶ୍ରଦ୍ଧାଞ୍ଜଳୀ ମିଶ୍ର, ବାପି ଦାଶ, ବ୍ୟାସଦେବ ଭରଦ୍ୱାଜ ମିଶ୍ର, ଜିତେନ୍ଦ୍ର ମହାପାତ୍ର, ଭଗବାନ କ୍ଷେତି, ବାଲମକୁନ୍ଦ ବାଘ, ବୈଦ୍ୟନାଥ ସାହୁ, ରାଜକୁମାର ଡାଙ୍ଗ, ଗଣେଷ ପାତ୍ର ଓ ଟିକେଶ୍ୱର ମେହେର ପ୍ରମୁଖ ଧାରଣାରେ ବସିଥିଲେ।



ଦୁର୍ନୀତିର ତଦନ୍ତ ଦାବିରେ ସୋନପୁରରେ ଅନୁଷ୍ଠିତ ରାଲି।

**ସିବିଆଇ ତଦନ୍ତ ଦାବିରେ ରାଲି, ଧାରଣା**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଫେବୃୟାରୀ, ୨୦୨୧



## କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଅଧୀନ ନର୍ଲା ରେଞ୍ଜର ଅଧୀନ ଭାନପୁର ପଞ୍ଚାୟତ ଅଧୀନ ଗୁଡାଙ୍ଗଗୁଛା ନିକଟରେ ବୁଧବାର ଭୋରରେ ବନ ବିଭାଗ ଚଢ଼ାଉ କରି ଶାଳ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଚାଳକ ଓ ସାଥୀ ଗାଡିକୁ ଛାଡି ପଳାଇଥିଲେ ବୋଲି ଫରେଷ୍ଟର ଭବାନୀ ନାଏକ ସୂଚନା ଦେଇଥିଲେ। ପିକ୍‌ଅପ୍ ଭ୍ୟାନକୁ ମ.ରାମପୁରସ୍ଥିତ ରେଞ୍ଜ ଅଫିସକୁ ଅଣାଯାଇଛି। ନର୍ଲା ରେଞ୍ଜର ଅଫିସର ଗିରିଧାରୀ ନାଗଙ୍କ ନେତୃତ୍ୱ ଓ ନର୍ଲା ଫରେଷ୍ଟର ଭବାନୀ ନାଏକ ଓ ବିଶ୍ୱଜିତ ଠାକୁର, ଫରେଷ୍ଟ ଗାର୍ଡ ପ୍ରମୁଖ ଗୁଡାଙ୍ଗଗୁଛା ନିକଟରେ ଶାଳକାଠ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଆର୍‌୦୬ ଏଫ୍-୪୫୯୨)କୁ ଅଟକାଇ ଥିଲେ। ଚଢ଼ାଉ କରି ଗାଡ଼ିରୁ ୭୦ ଖଣ୍ଡ ସାଇଜ୍ କାଠ ଜବତ କରିଥିଲେ ।

## ସଂକ୍ଷେପରେ

### ଜିଲା ପରିଷଦ ଉପନିର୍ବାଚନ: ୬୩.୭୬% ମତଦାନ

ତରବୋଡ/ନୂଆପଡା ଅଫିସ, ୨୪।୨ (ଡି.ଏନ.ଏ.): ନୂଆପଡା ଜିଲାର ୩ଟି ବ୍ଲକରେ ଜିଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ପାଇଁ ବୁଧବାର ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି। କୋମନା ବ୍ଲକ ଜିଲା ପରିଷଦ ଜୋନ ୨ ପାଇଁ ୩ ପ୍ରମୁଖ ଦଳର ୩ ପ୍ରାର୍ଥୀ ମଇଦାରେ ରହିଥିଲେ। ୩୮,୩୮୭ ଜଣ ଭୋଟରଙ୍କ ମଧ୍ୟରୁ ୨୪,୬୧୨ଜଣ ମତଦାନ କରିଛନ୍ତି। ଜିଲା ପରିଷଦ ୬୩.୭୬ ପ୍ରତିଶତ ମତଦାନ କରିଥିବା ବେଳେ କୋମନା ବ୍ଲକ କାଣ୍ଡେତରା ଓ ଖଡିଆଳ ବ୍ଲକ ରଣୀମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଉପ ନିର୍ବାଚନରେ ୫୯.୯୮ ପ୍ରତିଶତ ମତଦାନ ହେଇଛି। ସିନାପାଲି ସଦର ପଞ୍ଚାୟତ ସରପଞ୍ଚ ପାଇଁ ୩୭ ପ୍ରତିଶତ ମତଦାନ ହୋଇଛି ବୋଲି ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ ସୂଚନା ଦେଇଛନ୍ତି । ଏମାନଙ୍କ ଭାଗ୍ୟ ୨୫ ତାରିଖ ନିର୍ଦ୍ଧାରଣ ହେବ।

### ମହୁଲ ପୋଚ, ରନ୍ଧାମଦ ନଷ୍ଟ କଲା ଅବକାରୀ ବିଭାଗ

ଜୁନାଗଡ, ୨୪।୨ (ଡି.ଏନ.ଏ.): କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଓ ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ରନ୍ଧା ମଦ ତିଆରି ହେଉଥିବା ଖବର ପାଇ ଜୁନାଗଡ ଥାନା ଅନ୍ତର୍ଗତ ଏକନାଗୁଡା ଆମଖୋଲ ପାହାଡକୁ ଅତର୍କିତ ଚଢାଉ କରାଯାଇଥିଲା। ସେଠାରେ ଖାନତଲାସି ପରେ ୧୫୬୦ କିଗ୍ରା ମହୁଲ ପୋଚ, ୧୦୦ ଲିଟର ହାତରନ୍ଧା ମଦ ସହ ସାମଗ୍ରୀ ଜବତ କରାଯାଇଥିଲା। ସେହିପରି ସେଠାରେ ଅସଇନ ଶବର ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ ଲିଟର ହାତରନ୍ଧା ମଦ ଜବତ କରାଯାଇଥିଲା। ଘଟଣା ସ୍ଥଳରେ ମହୁଲ ପୋଚ ଓ ରନ୍ଧା ମଦକୁ ନଷ୍ଟ କରାଯାଇଥିଲା। ଚଢାଉରେ ଧର୍ମଗଡ ଉପଖଣ୍ଡ ଅବକାରୀ ନିରୀକ୍ଷକ ଲଳିତ ମୋହନ ମିଶ୍ର, ଜିଲା ଭ୍ରାମ୍ୟମାଣ ଗୋଷ୍ଠୀ ନିରୀକ୍ଷକ ସୁଶାନ୍ତ କୁମାର ପ୍ରଧାନ, ଉପନିରୀକ୍ଷକ ଦିଲୀପ କୁମାର ରଥ, ଜୁନାଗଡ ଅବକାରୀ ଉପନିରୀକ୍ଷକ ହିରାବତୀ ଥାଟି, ସହ ନିରୀକ୍ଷକ ସଚଳା ପାଣି, ଯୋଗେଶ୍ୱର ନାଏକଙ୍କ ସହ ସଦଳବଳ ଉପସ୍ଥିତ ଥିଲେ।

### ସଫେଇ କର୍ମଚାରୀ ସମ୍ବର୍ଦ୍ଧିତ



ଭବାନୀପାଟଣା, ୨୪।୨ (ଡି.ଏନ.ଏ.): ଭବାନୀପାଟଣା ପୌର ପରିଷଦର କର୍ମଚାରୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର କର୍ମଚାରୀ ଓ ସ୍ଥାନୀୟ ପରିବାରବର୍ଗ ଉପସ୍ଥିତ ଥିଲେ। ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୪ ଜଣଙ୍କୁ ଶ୍ରେଷ୍ଠ ସେନିଟେସନ୍ ୱାର୍କର ଓ ସ୍ୱଚ୍ଛଗୃହର ୧୦ଟି ପରିବାରଙ୍କୁ ମାନପତ୍ର ଓ ଶୁଭେଚ୍ଛା ଦେଇ ଜିଲାପାଳ ସମ୍ମାନିତ କରିଥିଲେ। ଜିଲାପାଳ ସଫେଇ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟ, ନିଷ୍ଠା ଓ ଭବାନୀପାଟଣା ସହରକୁ ସ୍ୱଚ୍ଛ ଓ ଆବର୍ଜନା ମୁକ୍ତ ନିମନ୍ତେ ନିରନ୍ତର ପ୍ରୟାସ କର୍ମ ପାଇଁ ପ୍ରଶଂସା କରି ଉତ୍ସାହିତ କରିଥିଲେ।

### କଳାହାଣ୍ଡି ଟ୍ୟାକ୍ସ ବାର ଆସୋସିଏଶନ ବୈଠକ

ଭବାନୀପାଟଣା, ୨୪।୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଟ୍ୟାକ୍ସ ବାର ଆସୋସିଏଶନର ସାଧାରଣ ବୈଠକ ଭବାନୀପାଟଣା ସହରସ୍ଥିତ ଆଡଭୋକେଟ ଗୋପାଳ ଚନ୍ଦ୍ର ଜୈନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯଅଇଛି। ଏଥିରେ ବସ୍ତୁ, ସେବାକର ଓ ଆୟକର ସମ୍ବନ୍ଧିତ ଆଇନରେ ଥିବା ବିଭିନ୍ନ ସମସ୍ୟା ଉପରେ ଉପରେ ଆଲୋଚନା କରଯାଇଥିଲା। ପରେ ସଂଘର ବାର୍ଷିକ କର୍ମକର୍ତ୍ତା ଚୟନ କରଯାଇଥିଲା। ଏଥିରେ ସଭାପତି ଭାବେ ଗୋପାଳ ଚନ୍ଦ୍ର ଜୈନ, ଉପସଭାପତି ବିନୋଦ ଶର୍ମା, ସମ୍ପାଦକ ସଞ୍ଜୀବ ସିଂହ, ଯୁଗ୍ମସମ୍ପାଦକ ନିହାର ରଞ୍ଜନ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ଅଶୋକ ବେହେରାଙ୍କୁ ମନୋନୀତ କରାଯାଇଛି। ସଂଘର ନବ ମନୋନୀତ ସମ୍ପାଦକ ସଞ୍ଜୀବ ସିଂ ଧନ୍ୟବାଦ ଦେଇଥିଲେ।

# ଜମି ବିବାଦ: ରାସ୍ତା ନିର୍ମାଣରେ ବାଧା

କେସିଙ୍ଗା, ୨୪।୨ (ଡି.ଏନ.ଏ.)

- ମନ୍ଥର ଗତିରେ ନିର୍ମାଣ ଚାଲିଛି ଦୁଇଟି ପୋଲ
- ଗମନାଗମନରେ ଘୋର ସମସ୍ୟା



ପୋଡଖମ୍ବ ନିକଟରେ ନିର୍ମାଣାଧୀନ ପୋଲ ।

କଳାହାଣ୍ଡି ଜିଲା କେସିଙ୍ଗା ସହରର ଜଗନ୍ନାଥ ପଡାଠାରୁ ଯୋରାଡବରା ଏମ.ରାମପୁରକୁ ସଂଯୋଗ ହୋଇଥିବା ପିଡବ୍ଲୁଡି ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବାରୁ ଗମନାଗମନରେ ଘୋର ସମସ୍ୟା ଦେଖାଦେଉଛି । କେସିଙ୍ଗାର କେନ୍ଦୁ ଲିଫ୍ ଓ ସାହୁପଡା ନିକଟରେ ଜମି ବିବାଦକୁ ନେଇ ରାସ୍ତା ନିର୍ମାଣରେ ସମସ୍ୟା ଦେଖାଦେଇଛି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ବିବାଦୀୟ ଜମିକୁ ଡିମାରକେସନ ନ କରି ମନଇଚ୍ଛା ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି। ଡୁମେରମୁଣ୍ଡାର ସାହୁପଡାଠାରୁ ମଧ ଜମି ମାଲିକଙ୍କୁ ନ ପଚାରି ରାସ୍ତା କାମ କରାଯାଉଥିବାରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। ସେହିପରି ପୋଡଖମ୍ବ ଦେଲମିଲ ନିକଟରେ ଜମି ମାଲିକଙ୍କ ଅଗୋଚରରେ ରାସ୍ତା ଓ ପୋଲ ନିର୍ମାଣ କରିଥିବା ଅଭିଯୋଗ ହେଉଛି । ପୋଡଖମ୍ବ ଗ୍ରାମଠାରୁ ପ୍ରାୟ ୩୦୦ ମିଟର ଦୂରରେ ମଧ ଯେଉଁ ପୋଲ ନିର୍ମାଣ କାର୍ଯ୍ୟ ଅଧା ଓ ଅଣଓସାରିଆ ହୋଇଥିଲେ ସୁଦ୍ଧା ପୋଲର ଉଭୟ ପାର୍ଶ୍ୱରେ ମାଟି ପକାଯାଇ ନ ଥିବାରୁ ଯାନବାହନ ଗମନାଗମନରେ ଘୋର ସମସ୍ୟା ଦେଖାଯାଉଛି । ଏହି ଦୁଇଟି ପୋଲ ଦୀର୍ଘ ଏକ ବର୍ଷ ବିତି ଯାଇଥିଲେ ସୁଦ୍ଧା ମନ୍ଥର ଗତିରେ ପୋଲ ନିର୍ମାଣ କାର୍ଯ୍ୟ କରାଯାଉଛି । ଆଖପାଖର ଲୋକେ ଠିକାଦାର ଓ ପିଡବ୍ଲୁଡିର ଏସଡିଓ କିମ୍ବା ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କଲେ ସୁଦ୍ଧା କୌଣସି ସୁଫଳ ମିଳୁ ନ ଥିବା ଜଣାପଡିଛି। ଏ ନେଇ ପିଡବ୍ଲୁଡି ବିଭାଗ ଏସଡିଓ କର ବାବୁଙ୍କୁ ପଚାରିବାରୁ ଜମି ବିବାଦ ରହିଥିବାରୁ ରାସ୍ତା ଓ ପୋଲ ନିର୍ମାଣରେ ବିଳମ୍ବ ଦେଖାଯାଉଛି । ଜୁନ ମାସ ପୂର୍ବରୁ ଶେଷ ହେବ ବୋଲି ପ୍ରକାଶ କରିଥିଲେ ।

# ବାତଜ୍ୱର ନିରାକରଣକୁ ଗୁରୁତ୍ୱ



ଖବରଦାତା ସମ୍ମିଳନୀରେ ଜିଲାପାଳ ଏବଂ ଅନ୍ୟମାନେ।

ବରଗଡ଼ ଅଫିସ୍,୨୪।୨

ବରଗଡ଼ ଜିଲାରେ ଗୁରୁବାରଠାରୁ ମାର୍ଚ୍ଚ ମାସ ୬ତାରିଖ ପର୍ଯ୍ୟନ୍ତ ବାତଜ୍ୱର ନିରାକରଣ କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମରେ ବାତଜ୍ୱର ନିରାକରଣ ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱେଚ୍ଛାସେବୀଙ୍କ ଜରିଆରେ ଲୋକଙ୍କୁ ଉଦ୍ଦିଷ୍ଟ ବଟିକା ଖାଇବାକୁ ଦିଆଯିବ ଏବଂ ୨ବର୍ଷରୁ ଉର୍ଦ୍ଧ୍ୱ ଲୋକ ଏହା ସେବନ କରି ବାତଜ୍ୱରରୁ ନିଜକୁ ରକ୍ଷା କରିପାରିବେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଉପସ୍ଥିତ ରହି ବାତଜ୍ୱର ନିୟନ୍ତ୍ରଣ ପାଇଁ ଏହି ବଟିକା ନେବାକୁ ଜିଲାବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ଜୋନାଲ କୋର୍ଡ଼ିନେଟର ଡା. ଶ୍ୟାମବନ୍ଧୁ ରଥ, ଡା. ସାଧୁଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଡିପିଏମ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ମାର୍ଟ ହାଇସ୍କୁଲ ହେବ ମହିଳା ବାଲାଜୀ ଉଚ୍ଚ ବିଦ୍ୟାଳୟ

ଜୁନାଗଡ, ୨୪।୨ (ଡି.ଏନ.ଏ.)



ଜିଲାପାଳ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

**ଭିତ୍ତିଭୂମି ଅନୁଧ୍ୟାନ କଲେ ଜିଲାପାଳ**

କଳାହାଣ୍ଡି ଜିଲାର ୨୬ଟି ହାଇସ୍କୁଲକୁ କଳାହାଣ୍ଡି ଜିଲାପାଳ ନବକଳେବର କରିବା ପାଇଁ ଅଣ୍ଟା ଭିଡିଛନ୍ତି। ଏଥିରେ ଜୁନାଗଡ ବ୍ଲକର ୨ଟି ସରକାରୀ ହାଇସ୍କୁଲ ରହିଛି। ସେଗୁଡିକ ହେଲା ଜୁନାଗଡ ସହରର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ମହିଳା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ବୁଧବାର ମହିଳା ବାଲାଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଆସିଥିଲେ। ଏହି ସମୟରେ ଜିଲାପାଳ ସ୍କୁଲର ଆନୁଷାଙ୍ଗିକ ବ୍ୟବସ୍ଥା,ଚର୍ତୁପାଶ୍ୟ,ଶ୍ରେଣୀ ଗୃହ ଆଦି ବୁଲି ଦେଖିଥିଲେ। ସ୍ମାର୍ଟ ସ୍କୁଲ ଘୋଷଣା ପରେ ସ୍କୁଲର ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକୁ ମଧ ସେ ତଦାରଖ କରିଛନ୍ତି। ଜିଲାପାଳଙ୍କ ସହ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ମହିଳା ସରପଞ୍ଚ ଅଜୟ କୁମାର ବେହେରା, ଜୁନାଗଡ ବ୍ଲକ ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, କନିଷ୍ଟ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ, ସ୍ଥାନୀୟ ପ୍ରଧାନଶିକ୍ଷକ ବାଞ୍ଛାନିଧି ପଣ୍ଡାଙ୍କ ସମେତ ସହକାରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ପରେ ଜିଲାପାଳ ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

## ଛାତ୍ରୀଛାତ୍ରଙ୍କ ଘରକୁ ପରିଦର୍ଶନରେ ଯିବେ ଶିକ୍ଷକ

ଅମରପାଲି, ୨୪।୨ (ଡି.ଏନ.ଏ)

ଏଣିକି ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଘରକୁ ପରିଦର୍ଶନରେ ଯିବେ । ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଉପରେ ପରାମର୍ଶ ଦେବା ସହିତ ସେମାନଙ୍କ ସନ୍ଦେହ ମୋଚନ କରିବେ । ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମୀକ୍ଷା ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି । ବିଇଓ ଶାନ୍ତନୁ କୁମ୍ଭକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଇଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି, ଏବିଇଓ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ନୂତନ ଏବିଇଓ ଲକ୍ଷ୍ମଣ କୁମାର ରଥଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ସିଆରସିସିମାନେ ନିଜ କ୍ଲଷ୍ଟରରେ କାର୍ଯ୍ୟ କରିବା, ଶିକ୍ଷକମାନେ ପିଲାଙ୍କ ଘରକୁ ପରିଦର୍ଶନରେ ଯିବା, ସ୍କୁଲର ସ୍ୱଚ୍ଛତା, ପୋଷ୍ୟା ସ୍କୁଲ ଗ୍ରହଣ, ଫିଟ ଇଣ୍ଡିଆ, କିଚେନ ଗାଡେନ, ମୋ ସ୍କୁଲ ଅଭିଯାନ ଆଦି ଉପରେ ସମୀକ୍ଷା କରାଯାଇଥିଲା। ବୀରମହାରାଜପୁର ସିଆରସିସି ଭାବଗ୍ରାହୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଶନିଦେବ ମନ୍ଦିରର ରତ୍ନମୁଦ ଉତ୍ସବ

ବରଗଡ଼ ଅଫିସ୍,୨୪।୨



ଖୁଣ୍ଟପାଲି ଡୁରୁଙ୍ଗାରେ ଶନିଦେବ ମନ୍ଦିରର ରତ୍ନମୁଦ କରାଯାଉଛି।

ବରଗଡ଼ ବ୍ଲକ ଡୁମଗାଁ ପଞ୍ଚାୟତ ଖୁଣ୍ଟପାଲି ଡୁରୁଙ୍ଗାରେ ବୁଧବାର ଶ୍ରୀ ଶନିଦେବ ମନ୍ଦିରର ରତ୍ନମୁଦ ଉତ୍ସବ ସମାରୋହରେ ପାଳିତ ହୋଇଛି। ଗ୍ରାମର ପ୍ରକାଶ ବାରିକ, ସ୍ତ୍ରୀ ଲକ୍ଷ୍ମୀ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। ପଣ୍ଡିତ ବିପିନ ବିହାରୀ ଦାଶ, ଗୌରୀଶଙ୍କର ଦାଶ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ବଲାଙ୍ଗୀର ଜିଲା ଭାଲେରର ପ୍ରବଚକ ରାଜ କୁମାର ଦାଶ, ମାଲିପାଲି ମଠର ମହନ୍ତ ଗୁରୁ ପ୍ରବଚନ ଦେଇଥିଲେ। ରତ୍ନମୁଦ ସମାରୋହରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ନବବିବାହିତ ନିଖୋଜ ଘଟଣା: ବର ଉଦ୍ଧାର, କନିଆଙ୍କ ପତ୍ତା ମିଳୁନି

ତରବୋଡ/ନୂଆପଡା ଅଫିସ, ୨୪।୨ (ଡି.ଏନ.ଏ.)

ନବବିବାହିତ ସ୍ୱାମୀସ୍ତ୍ରୀଙ୍କୁ ଅପହରଣ, ଦୁଇ ଦିନ ପରେ ମୁକ ଅବସ୍ଥାରେ ବର ଉଦ୍ଧାର ହୋଇଥିବା ବେଳେ କନିଆ ନିଖୋଜ। ନୂଆପଡା ଜିଲାରେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଗତ ୧୬ ତାରିଖରେ ସାମାଜିକ ରିତୀରେ ଜିଲାର କୋମନା ବ୍ଲକ କୁରେଶ୍ୱର ପଞ୍ଚାୟତର ଏକ ଗାଁର ଯୁବକଙ୍କ ସହ ସଦର ବ୍ଲକ ଗାଁର ଯୁବତୀଙ୍କ ବିବାହ ହୋଇଥିଲା। ୨୧ ତାରିଖରେ ନବବିବାହିତ ସ୍ତ୍ରୀ ସ୍ୱାମୀଙ୍କୁ ଜିଲା ଚିକିତ୍ସାଳୟ ଯିବା ପାଇଁ କହି ଦୁହେଁ ବାଇକ୍‌ରେ ବାହାରି ଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଯୁବକଙ୍କ ମୋବାଇଲରୁ ଏକ ମେସେଜ ଆସିଥିଲା। ଯେଉଁଥିରେ ସାଙ୍ଗ ଘରକୁ ଯାଉଛୁ, ୨୨ ତାରିଖରେ ଫେରିବୁ ବୋଲି ଲେଖାଯାଇଥିଲା। ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଦୁହେଁ ଘରକୁ ନ ଫେରିବା ଏବଂ ଫୋନ ଯୋଗାଯୋଗ ନ ହେବାରୁ ପରିବାର ଲୋକେ କୋମନା ଥାନାରେ ଅଭିଯୋଗ କରିଥିଲେ। ସେହି ସମୟରେ ଏକ ଅଜଣା ନମ୍ବରରୁ କଲ ଆସିଥିବା ବେଳେ ମୋତେ ଜୀବନରେ ମାରିଦେବେ ଜଲଦି ଉଦ୍ଧାର କର ବୋଲି ସମ୍ପୃକ୍ତ ଯୁବକ କହିଥିଲେ। ପରେ ବ୍ୟକ୍ତି ଜଣକ ଠିକଣା ଦେଇଥିଲେ। ପରିବାର ଲୋକେ ଛତିଶଗଡ ରାଜ୍ୟ ଦୁର୍ଗଠାରୁ ୧୮ କି.ମି. ଦୂର ନାଗପୁରା ଛକ ପାଖରୁ ଉଦ୍ଧାର କରି ଆଣି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ମୁହଁ ଖୋଲୁନାହିଁ କି ଚାଲିବୁଲି ପାରୁନାହାନ୍ତି। କୋମାରେ ରହିଛି। କୋମା ଅବସ୍ଥାରେ ଘରେ ଖଟରେ ପଡି ରହିଛନ୍ତି। ତାଙ୍କ ଶରୀରର ବେକ, ପଞ୍ଜରା, ଛାତି, ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ସେ କଥା କହିପାରୁ ନ ଥିବାରୁ ପ୍ରକୃତ ଘଟଣା ଜଣାପଡ଼ିନାହିଁ ।

## ଶିଶୁ ସୁରକ୍ଷା କର୍ମଶାଳା

ଖପ୍ରାଖୋଲ, ୨୪।୨(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟରେ ଏଡେଡ ଏକ୍ସନ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଡେଡ ଏକ୍ସନ ସଂଯୋଜକ ସରୋଜ ବାରିକ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ୟୁନିସେଫ୍ ରାଜ୍ୟ ମୁଖ୍ୟ ମୋନିକା ନେଲସନ୍, ନେହା ନାଇଡୁ ଏଡେଡ ଏକ୍ସନ ଦକ୍ଷିଣ ଏସିଆ ମୁଖ୍ୟ ଉମି ଡାନିଏଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀପ୍ରିୟା ସିଂ, ବିଡିଓ ତରଣୀ ସୁନା, ବିଇଓ ଷଷ୍ଠି ଝାଙ୍କର, ସିଡିପିଓ ପ୍ରମିଳା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ଘୁନସର ପଞ୍ଚାୟତରେ ବିଭିନ୍ନ ଗାଁ ବୁଲି ତଥ୍ୟ ସଂଗ୍ରହକାରୀ ଦଳ ଶିଶୁମାନଙ୍କ ସମ୍ପର୍କରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ। ସ୍ଥାନୀୟ ସରପଞ୍ଚ କପିଳ ବୁଡେକ, ଜିପିଇଓ ସୁଶାନ୍ତ ପାଣି, ଏବିଇଓ ବୀରେନ୍ଦ୍ର ସାହୁ, ସୁପରଭାଇଜର ପଙ୍କଜିନି ମିଶ୍ର, ଶିକ୍ଷା କମିଟି ସଭାପତି ବିକାଶ ଦାଶ ଉପସ୍ଥିତ ଥିଲେ।

# ନାୟକପଡ଼ା ପାହାଡ଼ର ବିକାଶ ପାଇଁ ଯୋଜନା ପ୍ରସ୍ତୁତ



ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଅନ୍ୟ ଅଧିକାରୀମାନେ ନାୟକପଡା ପାହାଡ ବୁଲି ଦେଖୁଛନ୍ତି।

ବୌଦ୍ଧ,୨୪।୨(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବୁଧବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ଐତିହାସିକ ପାତାଳି ଶ୍ରୀକ୍ଷେତ୍ର ନାୟକପଡା ପାହାଡର ବିକାଶ କାର୍ଯ୍ୟକୁ ଅନୁଧ୍ୟାନ କରିଥିବା ଜଣାଯାଇଛି। ବୌଦ୍ଧର ଐତିହାସିକ, ଗବେଷକ ଓ ବୁଦ୍ଧିଜୀବୀମାନେ ବିଭିନ୍ନ ଯୁକ୍ତି ଦର୍ଶାଇ ଏହି ସ୍ଥାନକୁ ପାତାଳି ଶ୍ରୀକ୍ଷେତ୍ର ବୋଲି ଦାବି କରି ଆସୁଥିବା ବେଳେ ଏହାର ବିକାଶ ପାଇଁ ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ପାହାଡ ଉପରେ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ବିଭିନ୍ନ ଦେବାଦେବୀ ପୂଜା ପାଉଥିବା ବେଳେ ପ୍ରତିଦିନ ବହୁ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ନାୟକପଡା ପାଦଦେଶରେ ଏକ ଡିୟର ପାର୍କ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିବା ବେଳେ ବହୁ ସଂଖ୍ୟାରେ ଠେକୁଆଙ୍କୁ ସଂରକ୍ଷିତ କରି ରଖାଯାଇଛି। ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି। ଜିଲାପାଳ ମିଶ୍ରଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବବିତାରାଣୀ ଦଳବେହେରା, ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା, ଆର୍କିଟେକ ସୁମନ ଷଡଙ୍ଗୀ, ବାମଣ୍ଡା ସରପଞ୍ଚ ଲଳିତ ଥାଟିଙ୍କ ସମେତ ବନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲଟ ବାକ୍ସରେ ୨ ପ୍ରାର୍ଥୀଙ୍କ ଭାଗ୍ୟ

ଜୁନାଗଡ, ୨୪।୨ (ଡି.ଏନ.ଏ.)

**ଭଇଁରିଗୁଡା ପଞ୍ଚାୟତ ଉପନିର୍ବାଚନ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରିଗୁଡା ପଞ୍ଚାୟତରେ ବୁଧବାର ଉପନିର୍ବାଚନ ସମ୍ପନ୍ନ ହୋଇଛି। ୨ ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଭୋଟ ବାଲଟ ବାକ୍ସରେ ସିଲ ହୋଇଛି। ଗୁରୁବାର ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି ହେବ। ଉପନିର୍ବାଚନରେ ପଞ୍ଚାୟତର ଭଇଁରିଗୁଡା ସମେତ କୁରୁଗୁଡା, ମରାଜୋର ଓ ପୋରାଗାଁର ୧୧ଟି ୱାର୍ଡରେ ମୋଟ ୩୦୬୯ଜଣ ମଧ୍ୟରୁ ବୁଧବାର ୨୨୬୮ଜଣ ଭୋଟର ମତଦାନ କରିଥିଲେ। ଯାହାକି ସମୁଦାୟ ଭୋଟର ସଂଖ୍ୟାର ୭୩.୯୦ %। ମଇଦାନରେ ସରପଞ୍ଚ ପ୍ରାର୍ଥୀ ଭାବେ ଦେବରାଜ ବାଣୁଆ ଓ ମୃତ କୋଭିଡ୍ ଯୋର୍ଦ୍ଧା ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ପୁଅ ପଞ୍ଚାନନ ପାତ୍ର ରହିଥିଲେ। ଉପନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କଡା ବ୍ୟବସ୍ଥା କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୧୧ଟି ବୁଥ୍ ପାଇଁ ପ୍ରତ୍ୟେକରେ ୩ଜଣ ପ୍ରିଜାଇଡିଂ ଅଫିସର ନିୟୋଜିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ମାଜିଷ୍ଟ୍ରେଟ ଦାୟିତ୍ୱରେ ଜୁନାଗଡ ତହସିଲଦାର ବେଦବ୍ୟାସ ଭୋଇ ଓ ସେକ୍ଟର ଅଧିକାରୀ ଭାବେ ବିଏସଏସଓ ତୁଷାର ରଞ୍ଜନ ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

# ମା’ ସର୍ବମଙ୍ଗଳା ଘାଟିମୁଣ୍ଡିଆଙ୍କ ମଣ୍ଡେଇ ଯାତ୍ରା

କୋକସରା, ୨୪।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡାଠାରେ ମା’ ସର୍ବମଙ୍ଗଳା ଘାଟିମୁଣ୍ଡିଆଣିଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମ ଦେବଦେବୀଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଲାଠି, କୁର୍ସିକୁ ଗାଁରେ ପରିକ୍ରମା କରାଯାଇଥିଲା। ଭକ୍ତମାନେ ମା’ଙ୍କୁ ମାନସିକ ଜଣାଇ ଆର୍ଶୀବାଦ ଭିକ୍ଷା କରିଥିବା ବେଳେ କାଳସୀମାନେ ଭକ୍ତମାନଙ୍କୁ ବିନ୍ତି (ଚାଉଳ) ଦେଇ ଭକ୍ଷଣ କରିବାକୁ ଓ ମୁଣ୍ଡରେ ଆଉଁଶିବାକୁ ଇଶାରା କରୁଥିଲେ। ଗାଁ ପୂଜକ ମନୋହର ପୂଝାରୀ ପୂଜା କାର୍ଯ୍ୟ ତୁଲାଇ ଥିଲେ ।



ଦେବଦେବୀଙ୍କ ଲାଠିକୁ ପରିକ୍ରମା କରାଯାଉଛି।

# ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ

ବୌଦ୍ଧ,୨୪।୨(ସ୍ୱ.ପ୍ର.)




ସମୀକ୍ଷା ବୈଠକରେ ଯୋଗ ଦେଇଥିବା ଅତିଥି ।

ବୌଦ୍ଧ ବନଖଣ୍ଡ ଓ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ତୃତୀୟ ବାର୍ଷିକ ସମୀକ୍ଷା ବୈଠକ ବାମଣ୍ଡା କେନ୍ଦ୍ରୀୟ ନର୍ସରୀଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ୨୦୨୦-୨୧ବର୍ଷରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାରେ କରାଯାଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବିଶେଷ କରି ବନ ସୁରକ୍ଷା ସମିତି ଗୃହ ନିର୍ମାଣ, ନୂତନ ବନୀକରଣ ଦ୍ୱାରା ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଆଦ୍ରତା ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଉନ୍ନତି ଆଦି ଉପରେ ସମୀକ୍ଷା କରାଯାଇଥିଲା।

ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜଙ୍ଗଲ କାଟିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଯୋଗଦେଇଥିଲେ। କରୋନା ମହାମାରୀ ପ୍ରାଦୁର୍ଭାବ ହ୍ରାସ ପାଇବା ପରିପ୍ରେକ୍ଷୀରେ ଜୀବନ ଜୀବିକାକୁ ଆଗେଇ ନେବା ପାଇଁ ପ୍ରକଳ୍ପ ମାଧ୍ୟମରେ ବନ ବିଭାଗର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ । ବୈଠକରେ ବନ ସୁରକ୍ଷା ସମିତି ନିକଟରେ ବିଭିନ୍ନ ସରକାରୀ ଯୋଜନାକୁ ପହଞ୍ଚାଇବା ପାଇଁ ଜିଲାସ୍ତରୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରିବାକୁ କୁହାଯାଇଥିଲା। ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ ଧନ୍ୟବାଦ ଦେଇଥିଲେ। ଭୁକ୍ତାପଡା ବନସୁରକ୍ଷା ସମିତିର କାର୍ଯ୍ୟ ଠିକ ଭାବେ ହୋଇଥିବାରୁ ଶ୍ରେଷ୍ଠ ବନସୁରକ୍ଷା ସମିତି ଭାବେ ପୁରସ୍କୃତ କରାଯାଇଥିଲା। ବୈଠକରେ ଜିଲାସ୍ତରୀୟ ଅଧିକାରୀ, ବନ ବିଭାଗ କର୍ମଚାରୀ ଓ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଯୋଗ ଦେଇଥିଲେ ।